



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୮ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 APRIL 2025

Vol.No. 36 ■ No.92 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ୨୫ହଜାର ଶିକ୍ଷକ ନିଯୁକ୍ତି ରଦ୍ଦ ମାମଲା: ଶିକ୍ଷକଙ୍କୁ ଭେଟିଲେ ମମତା, ଦେଲେ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୦୭/୪ : ସୁପ୍ରିମକୋର୍ଟ ପଶ୍ଚିମବଙ୍ଗର ୨୫ହଜାର ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରିବା ପରେ ଆଜି ସାମ୍ନାକୁ ଆସିଛି ନିଆରା ଦୃଶ୍ୟ । ଦୀର୍ଘ କିଲୋମିଟର ଲମ୍ବା ଲାଇନରେ ଛିଡା ହୋଇଛନ୍ତି ଶହ ଶହ ସଂଖ୍ୟକ ଶିକ୍ଷକ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି ଓ ନିଜ ସମସ୍ୟାର ସମାଧନ ପାଇଁ ଅନୁରୋଧ କରିଛନ୍ତି । ସେପଟେ ମମତା ବାନାର୍ଜୀ ଚାକିରି ହରାଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଭେଟି ସେମାନଙ୍କୁ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସରକାରଙ୍କ ଉପରେ ଲଗାଯାଇଥିବା ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିଛନ୍ତି ମମତା । ଚାକିରି ହରାଇଥିବା ଶିକ୍ଷକଙ୍କୁ ନ୍ୟାୟ ଦେବାକୁ ଯଦି ଜେଲ ଯିବାକୁ ପଡେ ସେ ଜେଲ ଯିବାକୁ ରାଜି



ବୋଲି ମମତା କହିଛନ୍ତି । ସେପଟେ ରାଜ୍ୟରେ ବିକ୍ଷୋଭ ଆରମ୍ଭ କରିଛି ବିଜେପି । ଅଧ୍ୟକ୍ଷ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ କୋଲାକାତାରେ ବିଜେପି ସ୍ଲୋଗାନ ଦେଇ ବଡ ଧରଣର ବିକ୍ଷୋଭ କରିଛି । ଦଳ କହିଛି ବଡ ଦୁର୍ନୀତି ପାଇଁ ମମତାଙ୍କୁ ଜେଲ ଦଣ୍ଡ ମିଳିବା ଉଚିତ । ଗୁରୁବାର ସୁପ୍ରିମକୋର୍ଟ ଶୁଣାଣି କରି କୋଲକାତା ହାଇକୋର୍ଟଙ୍କ ଫଇସଲାକୁ କାୟମ ରଖିଥିଲେ । ୨୦୧୬ରେ ପଶ୍ଚିମବଙ୍ଗ ଏସ୍ଏସ୍ସି ଦ୍ୱାରା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ପ୍ରକିୟାରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ରହିଛି । ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ଏବଂ ବିଚାରପତି ପିଭି ସଞ୍ଜୟ କୁମାରଙ୍କ ଗଠିତ ଖଣ୍ଡପୀଠଙ୍କ କହିଛନ୍ତି, ନିଯୁକ୍ତି ବାତିଲ ହୋଇଥିବା କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ଭତ୍ତା ଫେରସ୍ତ କରିବା ଆବଶ୍ୟକ ନାହିଁ ବୋଲି କହିଥିଲେ । ଚୟନ ପ୍ରକ୍ରିୟାକୁ ପୁଣିଥରେ ଆରମ୍ଭ କରିବା ସହ ତିନି ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦୁର୍ନୀତିର ସିବିଆଇ ତଦନ୍ତ ଏବଂ ନିଯୁକ୍ତି ରଦ୍ଦ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟ ଯାଇଥିଲେ । କିନ୍ତୁ ସେଠାରୁ ମଧ ନିରାଶ ହେବାକୁ ପଡିଛି ।

# ୫୦ ଟଙ୍କା ବଢ଼ିଲା ଘରୋଇ ଏଲପିଜି ସିଲିଣ୍ଡର ଦାମ୍

ନୂଆଦିଲ୍ଲୀ, ୦୭/୪ : ହାଣ୍ଡିଶାଳରେ ମହଙ୍ଗା ମାଡ଼ । ବଢିଲା ରନ୍ଧନ ଗ୍ୟାସ୍ ଦର । ଦେଶରେ ଖଚଏ ସିଲିଣ୍ଡର ଦାମ୍ ବୃଦ୍ଧି ପାଉଛି । ସରକାର ୧୪ .୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ଖଚଏ ଗ୍ୟାସ୍ ସିଲିଣ୍ଡର ଦାମ୍ ୫୦ ଟଙ୍କା ବୃଦ୍ଧି କରିଛନ୍ତି । ଯାହାଫଳରେ ଖଚଏ ସିଲିଣ୍ଡର ଦାମ୍ ୮୦୩ରୁ ବୃଦ୍ଧି ପାଇ ୮୫୩ ଟଙ୍କା ହୋଇଛି । ସେହିପରି ଉଜ୍ଜ୍ୱଳା ଯୋଜନା ଅଧିନରେ ମିଳିଥିବା ଖଚଏ ସିଲିଣ୍ଡର ଦାମ୍ ୫୦୩ରୁ ବୃଦ୍ଧି ପାଇ ୫୩୩ ଟଙ୍କା ହୋଇଛି । ଏନେଇ ସୂଚନା ଦେଇଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ । ବର୍ଦ୍ଧିତ ଦର ଆଜି ମଧ୍ୟରାତ୍ରିରୁ ଲାଗୁ ହେବ । ଏହାର କିଛି ସମୟ



ପୂର୍ବରୁ ଦେଶରେ ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ ଡ୍ୟୁଟି ୨ ଟଙ୍କା ବୃଦ୍ଧି ହୋଇଥିଲା । ତେବେ ଏକ୍ସାଇଜ ଡ୍ୟୁଟି ବୃଦ୍ଧି ପରେ ଏହି ତୈଳ ଦର ମଧ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଥିଲା । ହେଲେ ପେଟ୍ରୋଲିୟମ ମନ୍ତ୍ରାଳୟ ସ୍ପଷ୍ଟ କରିଥିଲା ଯେ, ଏକ୍ସାଇଜ ଡ୍ୟୁଟି ବଢିଥିଲେ ବି ଦେଶରେ ପେଟ୍ରୋଲ ଓ ଡିଜେଲ ଦାମ୍ରେ କୌଣସି ବୃଦ୍ଧି ହେବନି । ସାଧାରଣ ଗ୍ରାହକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବନି । ବର୍ଦ୍ଧିତ ଏକ୍ସାଇଜ ଡ୍ୟୁଟି ପିଏସୟୁ ବହନ କରିବ ।

## ବିଷ୍ଣୁପଦଙ୍କ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ବୃଦ୍ଧି କଲେ ହାଇକୋର୍ଟ

ଭୁବନେଶ୍ୱର, ୭/୪ (ନି.ପ୍ର): ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ମେ'୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଏକ ସରକାରୀ କମ୍ପାନି ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍ ସହିତ ଜଡିତ ଏକ ଲାଂଚ ମାମଲାରେ ହାଇକୋର୍ଟ ସୋମବାର ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ବଢାଇଛନ୍ତି। ବିଷ୍ଣୁପଦ ସେଠୀଙ୍କ ସହ ତାଙ୍କ ପତ୍ନୀ ଏବଂ ଝିଅଙ୍କ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ମଧ ବୃଦ୍ଧି କରିଛନ୍ତି ହାଇକୋର୍ଟ। ▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୭/୪ (ନି.ପ୍ର): ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଦକ୍ଷିଣ ବଙ୍ଗୋପସାଗର ମଧ ଭାଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆସନ୍ତକାଲି ଯାଏଁ ଉତ୍ତରପଶ୍ଚିମ ଦିଗରେ ଗତି କରିବ। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରୁ ପରବର୍ତ୍ତୀ ୪୮ ଘଣ୍ଟା ଯାଏଁ ସାମାନ୍ୟ ଉତ୍ତର ଆଡକୁ ଗତି କରିବା ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବ ଓଡ଼ିଶାରେ ରହିବ କି ନାହିଁ ସେନେଇ ପୂର୍ବାନୁମାନ କରିନି ପାଣିପାଗ ବିଭାଗ । ସେପଟେ ରାଜ୍ୟରେ ପୁଣି ଉପରମୁହାଁ ପାରଦ । ଆଜିଠୁ ଆହୁରି ବଢିବ ତାପମାତ୍ରା । ଆସନ୍ତା ୨୪ ଘଣ୍ଟାରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ପଶ୍ଚିମ ଓଡ଼ିଶାରେ ୪୦ ଡିଗ୍ରୀ ଛୁଇଁପାରେ ପାରଦ । ସେହିଭଳି ବାକି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ମଧ୍ୟରେ ରହିବା ସମ୍ଭାବନା ରହିଛି । ସେହିପରି କିଛି ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ପାଣିପାଗ ▶▶ପୃଷ୍ଠା ୭

# ନବୀନଙ୍କୁ କୈଫିୟତ୍ ମାଗିଲେ ମୁନା ଖାନ୍



ଭୁବନେଶ୍ୱର, ୭/୪ (ନି.ପ୍ର): ବିମାନବନ୍ଦରରେ ବର୍ଷିଲେ, ନବୀନ ନିବାସରେ ପହଞ୍ଚି ସୁପ୍ରିମୋଙ୍କୁ କାରଣ ପଚାରିଲେ । ୱାକଫ୍ ବିଲକୁ ନେଇ କାହିଁକି ବଦଳିଲା ନିଷ୍ପତ୍ତି । ନବୀନଙ୍କ ଠାରୁ କାର୍ଯ୍ୟାନୁଷ୍ଠାନ ଉତ୍ତର ପାଇଲେ ସାଂସଦ ମୁନା ଖାଁ । କିନ୍ତୁ ବିଜେଡି କର୍ମୀଙ୍କୁ ଏ ଉତ୍ତର ସନ୍ତୁଷ୍ଟ କରିପାରିନି । ସେଥିପାଇଁ ବିମାନବନ୍ଦରରୁ ଶଙ୍ଖ ଭବନ, ଭାୟା ନବୀନ ନିବାସ ସବୁଠି ପଡିଛି ନାରା, ପାଣ୍ଡିଆନ ଓଡ଼ିଶା ଛାଡ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜ ଦୀର୍ଘ ରାଜନୈତିକ କ୍ୟାରିୟରରେ ନବୀନ ନିବାସରେ ଏଭଳି ଦୃଶ୍ୟ ଦେଖିବେ ବୋଲି କେବେ ସ୍ୱପ୍ନରେ ଭାବିନଥିବେ । ସବୁବେଳେ ଦଳୀୟ କର୍ମୀଙ୍କ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହେଉଥିବା ନବୀନ ନିବାସରେ ଆଜି ଦେଖିବାକୁ ମିଳିଥିଲା ଏମିତି ଦୃଶ୍ୟ । ୱାକଫ୍ ବିଲକୁ ନେଇ ବିଜେଡି ରାଜନୀତିରେ ଝଡ ଭିତରେ ବିମାନବନ୍ଦରରେ ପହଞ୍ଚି ସଂଖ୍ୟାଲଘୁ ସଂପ୍ରଦାୟର ସମର୍ଥକଙ୍କ ସହ ସିଧା ନବୀନ ନିବାସ ଯାଇଥିଲେ ରାଜ୍ୟସଭା ସାଂସଦ ମୁନା ଖାଁ ।

▶▶ପୃଷ୍ଠା ୭

# ଦୁଇଫାଳ ହେଲା ବିଜେଡି

## ଦଳେ ପାଣ୍ଡିଆନଙ୍କ ସପକ୍ଷରେ, ଦଳେ ବିପକ୍ଷରେ

ଭୁବନେଶ୍ୱର,୭।୪: ବିଜୁ ଜନତା ଦଳର ଭବିଷ୍ୟତ ଭିକେ ପାଣ୍ଡିଆନଙ୍କ ଆଗରେ ପଛରେ ଘୁରି ବୁଲୁଛି। ସେ ଯେମିତି ଚାହିଁବେ ଦଳର ଭବିଷ୍ୟତ ସେପରି ହେବ। କାରଣ ଦଳର ଅଧେ ନେତା ପାଣ୍ଡିଆନଙ୍କ ସମର୍ଥନ କରୁଥିବା ବେଳେ ଅଧେ ଖୋଲାଖୋଲି ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ୱକ୍ଫ ବିଲ୍ରେ ଭୋଟିଂ ଦଳର ଆଭିମୁଖ୍ୟକୁ ଗାଳମାଳିଆ କରିଦେଇଛି। ବିଜେଡିର ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ, ବଦ୍ରି ପାତ୍ର, ଗଣେଶ୍ୱର ବେହେରା,



ଭୂପିନ୍ଦର ସିଂହ, ପ୍ରଫୁଲ୍ଲ ଘଡେଇ ଆଦି ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ପାଣ୍ଡିଆନଙ୍କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏଥିସହିତ ସେମାନେ ଦଳରେ କାହାର ପତିଆରା ଚାଲିଛି ତାହା ପ୍ରକାଶ କରିବା ସହିତ ନବୀନଙ୍କୁ ସାମ୍ନାକୁ ଆସିବାକୁ କହିଛନ୍ତି। ଏଭଳି ସ୍ଥିତିରେ ପାଣ୍ଡିଆନଙ୍କ ସପକ୍ଷବାଦୀ ନେତାମାନେ ମଧ ସାମ୍ନାକୁ ଆସିଛନ୍ତି। ରାଜ୍ୟସଭା ଏମପି ମାନସ ମଙ୍ଗରାଜ, ▶▶ପୃଷ୍ଠା ୭

# ମିଶନ ଶକ୍ତିରେ ହେଉଥିଲା କି ଦୁର୍ନୀତି ?: ଅଡିଟ୍ କରି ସତ ବାହାର କରିବେ ମୋହନ ସରକାର

ଭୁବନେଶ୍ୱର, ୭/୪ (ନି.ପ୍ର): ବର୍ଷ ବର୍ଷ ଧରି ମିଶନ ଶକ୍ତିକୁ ଆସୁଥିଲା ହଜାର ହଜାର କୋଟି ଟଙ୍କା । ଯିଏ ଯେପରି ପାରୁଥିଲା କରୁଥିଲା ଟଙ୍କା ଖର୍ଚ୍ଚ । କାହାକୁ ଋଣ ଛାଡ କରାଯାଉଥିଲା ତ ପୁଣି କାହାକୁ ସବସିଡି ଆକାରରେ ମିଳୁଥିଲା ସହାୟତା । କହିବାକୁ ଗଲେ, ମିଶନ ଶକ୍ତି ପାଇଁ ରାଜ୍ୟ ରାଜକୋଷ ଖୋଲି ଦେଇଥିଲେ ପୂର୍ବ ସରକାର । କିନ୍ତୁ ଖର୍ଚ୍ଚ ହୋଇଥିବା ଟଙ୍କାର ନା ହିସାବ ରହୁଥିଲା ନା କେହି ଏହାର ତଦାରଖ କରୁଥିଲେ । କାରଣ ବିନା ରେଜିଷ୍ଟ୍ରେସନରେ ଚାଲୁଥିଲା ମିଶନ ଶକ୍ତି ଗ୍ରୁପ୍ । ରେଜିଷ୍ଟ୍ରେସନ ନଥିବାରୁ ଅଡିଟ୍ ହେଉନଥିଲା । ତେଣୁ ଏଥିରେ ଦୁର୍ନୀତିର ଗନ୍ଧ ବାରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏହାସହ ଆଗକୁ ଏସ୍ଏଚ୍ଜିର ଢାଞ୍ଚା ବଦଳିବ ଏବଂ ସବୁଘରକୁ ଏଥିରେ ଯୋଡ଼ାଯିବ ବୋଲି କହିଛନ୍ତି ପ୍ରଭାତୀ । ଯାହାକୁ କଟାକ୍ଷ କରି ବିଜେଡି କହିଛି, ନବୀନ କରିଥିବା ଯୋଜନାର ଫାଇଦା ନେବାକୁ ଅପଚେଷ୍ଟା କରୁଛି ବିଜେପି । ମୋହନ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମିଶନ ଶକ୍ତି ମହିଳା । ପୂର୍ବ ସରକାର ମିଶନ ଶକ୍ତି ମହିଳାଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରୁଥିବା ଅଭିଯୋଗ ହେଉଥିଲା । କିନ୍ତୁ ନୂଆ ସରକାର ନୂଆ ଢାଞ୍ଚାରେ ଏସ୍ଏଚ୍ଜି ଗଠନ କରିବା ଦ୍ୱାରା ମହିଳାମାନେ ସଶକ୍ତ ହେବେ ନା ପୂର୍ବ ଭଳି ଭୋଟବ୍ୟାଙ୍କ ଭଳି କାମ କରିବେ ତାହା ଦେଖିବାକୁ ବାକି ରହିଲା ।

# ପୁଂଛରେ ପାକିସ୍ତାନର ଗୁଳିକାଣ୍ଡ: ନିୟନ୍ତ୍ରଣ ରେଖାରେ ତଲାସୀ ଅଭିଯାନ ଜାରି

ନୂଆଦିଲ୍ଲୀ, ୦୭/୪ : ରବିବାର ମଧ୍ୟରାତିରେ ପାକିସ୍ତାନ ସେନା ଜମ୍ମୁକଶ୍ମୀରର ପୁଂଛ ଜିଲ୍ଲାରେ ନିୟନ୍ତ୍ରଣ ରେଖାରେ ଦିଗୱାର ସେକ୍ଟରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ କରିବା ଉଦ୍ଦେଶ୍ୟରେ ଭୀଷଣ ଗୁଳି ଚଳାଇଛନ୍ତି। ସୂତ୍ରରୁ ଜଣାପଡିଛି ଯେ, ଗୁଳିକାଣ୍ଡର ଉଦ୍ଦେଶ୍ୟ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ସହଜ କରାଇବା ଥିଲା । ଭାରତୀୟ ସେନା ବି ଏହାର ମୁହଁତୋଡ ଜବାବ ଦେଇଥିଲେ ଏବଂ ଉଭୟ ପକ୍ଷରୁ ସାରା ରାତି ରହି ରହି ଗୁଳିକାଣ୍ଡ ହୋଇଥିଲା । ସେନା ନିୟନ୍ତ୍ରଣ ରେଖାରେ ହାଇଆଲର୍ଟରେ ରହିଛି।

# ଟ୍ରମ୍ପଙ୍କ ଟାରିଫ୍ ବୋମାରେ ଦୋହଲିଲା ଗ୍ଲୋବାଲ ମାର୍କେଟ୍: ଭାରତ ସମେତ ସାରା ବିଶ୍ୱର ଷ୍ଟକ ମାର୍କେଟ୍ରେ ହାହାକାର



ନୂଆଦିଲ୍ଲୀ, ୦୭/୪ : ଭାରତ ସମେତ ସାରା ବିଶ୍ୱର ଷ୍ଟକ ମାର୍କେଟ୍ରେ ସୋମବାର ହାହାକାର ଖେଳିଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ଟାରିଫ୍ ଏବଂ ଚୀନର ତୀବ୍ର ପ୍ରତିଶୋଧ ସାରା ବିଶ୍ୱର ଶେୟାର ବଜାରକୁ ଦୋହଲାଇ ଦେଇଥିଲା। ଚାଇନା ଆମେରିକାରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୩୪ ପ୍ରତିଶତ ଟିକସ ଲଗାଇବାକୁ ଘୋଷଣା କରିଛି, ଯାହା ୧୦ ଏପ୍ରିଲରୁ କାର୍ଯ୍ୟକାରୀ ହେବ। ଏହାର ପ୍ରଭାବ ଏତେ ପ୍ରବଳ ଥିଲା ଯେ ମାତ୍ର ଦୁଇ ଦିନରେ ସାରା ବିଶ୍ୱରେ ୯ ଟ୍ରିଲିୟନ ଡଲାରର । ମାର୍କେଟ୍ ଭାଲ୍ୟୁ ଉଭାନ ହୋଇଗଲା। ଶୁକ୍ରବାର ଆମେରିକାର ଷ୍ଟକ ବଜାରରେ ଐତିହାସିକ ହ୍ରାସ ଘଟିଥିଲା। S&P ୫୦୦ ୬ ପ୍ରତିଶତ, Dow Jones ୫.୫ପ୍ରତିଶତ ଏବଂ Nasdaq ୫.୮ ପ୍ରତିଶତ ହ୍ରାସ ପାଇଥିଲା। ସୋମବାର ଫ୍ୟୁଚର୍ସ ଆହୁରି ହ୍ରାସ ପାଥଥିଲା। ଆମେରିକାର ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୬୦ ଡଲାର ତଳକୁ ଖସିଥିଲା ଏବଂ ଡଲାରର ମୂଲ୍ୟ ୧୪୫.୯୮ ୟେନକୁ ହ୍ରାସ ପାଇଥିଲା। ସୋମବାର ଭାରତରେ ସେୟାର ବଜାରରେ ହାହାକାର ଦେଖାଦେଇଥିଲା। ସେନସେକ୍ସ ୨,୨୨୭ ପଏଣ୍ଟ ହ୍ରାସ ପାଇ ୭୩,୧୩୭.୯୦ ରେ ବନ୍ଦ ହୋଇଥିଲା। ନିଫ୍ଟି ୭୪୩ ପଏଣ୍ଟ ହ୍ରାସ ପାଇ ୨୨,୧୬୧.୬୦ ରେ ବନ୍ଦ ହୋଇଥିଲା। ଦିନର କାରବାର ସମୟରେ ଉଭୟ ସୂଚକାଙ୍କ ପ୍ରାୟ ୫ ପ୍ରତିଶତ ହ୍ରାସ ପାଇଥିଲା, ଯଦିଓ ଶେଷରେ କିଛି ସୁଧାର ଆସିଥିଲା। ଟାଟା ଷ୍ଟିଲ (-୭.୭୮ ପ୍ରତିଶତ), ଏଲ ଆଣ୍ଡ ଟି (-୫.୮୮ ପ୍ରତିଶତ), ଟାଟା ମୋଟର୍ସ (-୫.୫୬ ପ୍ରତିଶତ) ଭଳି ପ୍ରମୁଖ ଷ୍ଟକ ହ୍ରାସ ହୋଇଥିଲା। ଆମେରିକା ଉପରେ ବହୁଳ ଭାବରେ ନିର୍ଭରଶୀଳ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ୭ ପ୍ରତିଶତ ହ୍ରାସ ପାଇଛି, ଏବଂ ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ ୪-୬ ପ୍ରତିଶତ ହ୍ରାସ ପାଇଛି।

# ଭିନ୍ୟାସା ଜାତୀୟ ଯୋଗ ପ୍ରତିଯୋଗିତା ଉଦ୍ଯାପିତ

ବାଲେଶ୍ୱର, ୭/୪ (ନି.ପ୍ର): ହେଲଦୀ ଯୋଗ ମହାବିଦ୍ୟାଳୟ ଇନ୍ଷ୍ଟିଚ୍ୟୁଟ ଅଫ ନେଚର କିଅର ଏଣ୍ଡ ଯୋଗିକ୍ ସାଇନସ ଜାତୀୟ ଯୋ ପ୍ରତିଯୋଗିତା ୨୦୨୫ର ଆୟୁଷ ମାନ ଭବନ ଗୋପାଳଗାଁ ଠାରେ ଉଦ୍ଯାପିତ ହୋଇଯାଇଛି । ଭାରତର ୬ଟି ରାଜ୍ୟରୁ ପଞ୍ଜାବ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ହରିୟାନା, ଓନିଶାରୁ ୨୩୦ ପ୍ରତିଯୋଗୀ ଭାଗ ନେଇଥିଲେ । ମୁଖ୍ୟଅତିଥି ଭାବେ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, କହିଥିଲେ ଯେ ଦିନ ଥିଲା ଯୋଗ କେହି ବୁଝୁନଥିଲେ ଆଜି ଯୋଗ ଶବ୍ଦର କଥା ଏତେ ବ୍ୟାପକ ହୋଇଯାଇଛି, ବାଲେଶ୍ୱରରେ



କେବଳ ହେଲଦି ଲାଇଫ୍ ଯୋଗ ଶିଖାଇବା ସହିତ ଯୋଗରେ ଡିପ୍ଲୋମା, ପିଜି ଡିପ୍ଲୋମା, ମାଷ୍ଟର ଡିଗ୍ରୀ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଦ୍ୱାରା ସରକାରୀ ସ୍ୱୀକୃତିପ୍ରାପ୍ତ ଯୋଗ ମହାବିଦ୍ୟାଳୟ ଯୋଗ ଶିକ୍ଷା, ଯୋଗ ଅଭ୍ୟାସ, ପ୍ରାକୃତିକ ଚିକିତ୍ସା, ଯୋଗାସନ ପ୍ରତିଯୋଗିତା, ଯୋଗ ଟ୍ରେନିଂ କନଫେରନସ ଦ୍ୱାରା ଓଡ଼ିଶା ଭାରତ ତଥା ବାଲେଶ୍ୱରରେ ପ୍ରଚାର ପ୍ରସାର ହୋଇ ପାରିଛି । ଡାକ୍ତର ଚିତରଂଜନ ସାହୁ, ପ୍ରାକୃତିକ ଯୋଗ ଚିକିତ୍ସାବିତ୍ଙ୍କୁ ପ୍ରଶଂସା କରୁଛୁ ଯେ ତାଙ୍କର ନିସ୍ୱାର୍ଥପର ସେବା ସମସ୍ତଙ୍କ ପାଖରେ ପହଂଚାଇବା ପାଇଁ ଚେଷ୍ଟା ଓ ଉଦ୍ୟମ କରନ୍ତୁ । ଅନୁଷ୍ଠାନର ମୁଖ୍ୟ ଡାକ୍ତର ଚିତରଞ୍ଜନ ସାହୁ ଖାଦ୍ୟ ଚିକିତ୍ସା ମାଧ୍ୟମରେ ସବୁ ପ୍ରକାର ରୋଗ ଦୂର କରନ୍ତୁ ବୋଲି ମତ ଦେଇଥିଲେ । ଅଧ୍ୟାପକ ଦେବୀ ଅର୍ଚ୍ଚନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଚମ୍ପିୟାନସିପ ସିନିଅର ଟ୍ୱିଙ୍କିଲ ସ୍ୱାଇଁ, ପ୍ରକାଶ କୁମାର ବେହେରା, ଜୁନିୟର ଦେବାଶିଷ ବାରିକ୍, ଶ୍ରୀୟା ନାୟକ । ଶେଷରେ ଅଭିଷେକ ଦାସ ଧନ୍ୟବାଦ ଦେଇଥିଲେ ।

# ପଞ୍ଚରୁଖୀ ପ୍ରାଥମିକ ବିଦ୍ୟାଳୟର ସୁରକ୍ଷା ସଙ୍କଟାପନ୍ନ: ପରିତ୍ୟକ୍ତ ଶ୍ରେଣୀ ଗୃହ ପିଲାଙ୍କ ଲାଗି ବିପଦ



ବାଲିଆପାଳ, ୭/୪ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ରେ ପଞ୍ଚରୁଖୀ ପ୍ରାଥମିକ ସରକାରୀ ବିଦ୍ୟାଳୟ ରହିଛି ।ପଞ୍ଚରୁଖୀ ଗ୍ରାମରେ ଏକ ପୁରାତନ ପ୍ରାଥମିକ ବିଦ୍ୟାଳୟ ଅଛି । ପୂର୍ବରୁ ଉକ୍ତ ବିଦ୍ୟାଳୟର ଗାରିମା ଥିଲା । ଉକ୍ତ ବିଦ୍ୟାଳୟରୁ ଅନେକ କୃତୀ ଛାତ୍ରଛାତ୍ରୀ ଆଜି ଗ୍ରାମର ଗୌରବ ଆଣିପାରିଛନ୍ତି । ପରିତାପର ବିଷୟ କିଛି ବର୍ଷ ହେବ ଉକ୍ତ ବିଦ୍ୟାଳୟର ଗାରିମା ଧିରେ ଧିରେ ନଷ୍ଟ ହେବାକୁ ଯାଉଛି । ବର୍ତମାନ ବିଦ୍ୟାଳୟରେ ପ୍ରାୟ ଏକ ଶହରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଛାତ୍ରଛାତ୍ରୀମାନଙ୍କର ପାଠ ପଢା ନିମନ୍ତେ ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି । ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥାଇ ମଧ ଛାତ୍ରଛାତ୍ରୀମାନେ ପାଠପଢାରେ ଅବହେଳିତ । ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଅଛି । ବିଭିନ୍ନ ପ୍ରକାର ସମସ୍ୟାକୁ ଆକଳନକୁ ନେଲେ ସୁରକ୍ଷା ଅତି ସଙ୍କଟାପନ୍ନ ଅବସ୍ଥାରେ ରହିଛି । ବିଦ୍ୟାଳୟରେ ପରିତ୍ୟକ୍ତ ଗୃହମାନ ବିପଦ ଶଙ୍କୁଳ ଅବସ୍ଥାରେ ଅଛି । ସ୍କୁଲ ତୁରନ୍ତ ବିପଦ ଶଙ୍କୁଳ ଭଙ୍ଗାଗୃହ ତଥା ପରିତ୍ୟକ୍ତ ଗୃହ ଗୁଡ଼ିକୁ ଭାଙ୍ଗିବାର ବ୍ୟବସ୍ଥା କରାଯିବା ସହ ଏକ ସୁନ୍ଦ ପରିବେଶ ସୃଷ୍ଟି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି ହେଉଛି । ଏପରିକି ବିଦ୍ୟାଳୟର ଗୃହ ମରାମତି ଅଭାବରୁ ସଂକଟାପନ୍ନ ଅବସ୍ଥାରେ ଅଛି । । ଏହିପରି ବହୁ ସମସ୍ୟା ଓ ଅସୁରକ୍ଷିତ ଅବସ୍ଥାରେ ଶିକ୍ଷା ଦାନ ଚାଲିଛି । ସରକାର ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାଗଣା ପୋଷାକ, ଜୋତା, ପୁସ୍ତକ, ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ପ୍ରଚଳନ କରିଥିଲେ ସୁଦ୍ଧା ପିଲାମାନଙ୍କର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଅଭିଭାବକମାନେ ଏହି ବିଦ୍ୟାଳୟରେ ପିଲାମାନଙ୍କୁ ପଢାଇବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ଜଣାପଡ଼ିଛି । ଏହାର ଶୈକ୍ଷିକ ପରିବେଶ ନଷ୍ଟ ହେବା ସହ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ତେଣୁ ସରକାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣୁଥିଲେ ମଧ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି । ତେଣୁ ବିଭାଗୀୟ ଅଧିକାରୀ ସରକାରଙ୍କ ଯୋଜନାର ସଫଳ ରୂପାୟନ କରିବା ସହ ବିଦ୍ୟାଳୟର ସୁରକ୍ଷାରେ ଲାଗିରହିଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ଚଳନ୍ତି ଶିକ୍ଷା ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ଚେଷ୍ଟିତ ହେବାକୁ ଅଭିଭାବକମାନଙ୍କ ସହ ଗ୍ରାମବାସୀ ଓ ପରିଚାଳନା କମିଟି ମହଲରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ

ବଲାଙ୍ଗିର, ୭/୪ (ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୫ ଅବସରରେ, ଇଣ୍ଡିଆନ ରେଡ୍ କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ନିର୍ଦ୍ଦେଶ ଅନୁଯାୟୀ, ଇଣ୍ଡିଆନ ରେଡ୍ କ୍ରସ୍ ସୋସାଇଟି, ଜିଲ୍ଲା ଶାଖା, ତଥା ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଏହି ବର୍ଷର ବିଷୟବସ୍ତୁ 'ସ୍ୱାସ୍ଥ୍ୟକର ଆରମ୍ଭ, ଆଶାପୂର୍ଣ୍ଣ ଭବିଷ୍ୟତ' ଉପରେ ଗୁରୁତ୍ୱାରୋପ ପୂର୍ବକ ଏକ ସଚେତନତା ବୈଠକ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଗୋପାଳ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ପ୍ରତ୍ୟେକେ ନିଜ ନିଜର ସ୍ୱାସ୍ଥ୍ୟର ସାମଗ୍ରିକ ଯତ୍ନ ନେବା ସହିତ ଭବିଷ୍ୟତ ପାଇଁ ଏକ ସୁନିଶ୍ଚିତ ଜୀବନ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଜରୁରୀ ଶାଖା ଅଧିକାରୀ ଶ୍ରୀ ପ୍ରତୀକ କର ଦିବସରେ ସମସ୍ତଙ୍କୁ ସ୍ୱାଗତ ତଥା ଅଭିନନ୍ଦନ ଜଣାଇ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବର୍ଣ୍ଣପୁର ଡ. ଗୋପାଳ ଚନ୍ଦ୍ର ମଲ୍ଲିକ ଚଳିତ ବର୍ଷର ଶୀର୍ଷକ 'ସ୍ୱାସ୍ଥ୍ୟକର ଆରମ୍ଭ, ଆଶାପୂର୍ଣ୍ଣ ଭବିଷ୍ୟତ' ନିମନ୍ତେ ଆମ ସ୍ୱାସ୍ଥ୍ୟର ଯତ୍ନ ନିମିତ୍ତ ଆବଶ୍ୟକ ସ୍ୱାସ୍ଥ୍ୟ ସଚେତନତା ଦିଗ ଉପରେ ତଥ୍ୟ ପ୍ରଦାନ କରିଥିଲେ । ଦିବସ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗରେ ଉପଲବ୍ଧ ସ୍ୱାସ୍ଥ୍ୟ ସମ୍ପର୍କିତ ଲାଭପ୍ରଦ ଯୋଜନା ଉପରେ ବୈଠକରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ ସୁବର୍ଣ୍ଣପୁରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ ଡାକ୍ତରୀଦଳ ବୈଠକରେ ଯୋଗଦେଇ ଅଧିକାରୀ ତଥା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶ୍ରୀ ବିଶ୍ୱନାଥ ନାୟକ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ଜରୁରୀ ଶାଖା ବୈଠକରେ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୀପିକା ଇସ୍ପାତ ଶିକ୍ଷା ସଦନରେ ଶିଶୁ ବାଟିକାର ଉଦଘାଟନ ସହ 'ପ୍ରବେଶ ଉତ୍ସବ' ଆୟୋଜିତ



ରାଉରକେଲା, ୭/୪ (ନି.ପ୍ର): ଦୀପିକା ଇସ୍ପାତ ଶିକ୍ଷା ସଦନରେ ନୂତନ ଭାବରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଏକ ସ୍ପନ୍ଦନଶୀଳ ଏବଂ ହୃଦୟସ୍ପର୍ଶୀ ପ୍ରବେଶ ଉତ୍ସବ ସହିତ ଉଦଘାଟିତ ହୋଇଥିଲା । ସେଲ୍, ରାଉରକେଲା ଇସ୍ପାତ କାରଖାନାର ପୃଷ୍ଠପୋଷକତାରେ କାର୍ଯ୍ୟ କରୁଥିବା ରାଉରକେଲାର ପ୍ରମୁଖ ଜନହିତୈଷୀ ଅନୁଷ୍ଠାନ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଏହି ସ୍କୁଲ ବଞ୍ଚିତ ଶ୍ରେଣୀର ପିଲାମାନଙ୍କୁ ନିଃଶୁଳ୍କ, ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛି । ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା ଅଧକ୍ଷତା କରିଥିଲେ । ସଂଘତିର ଉପାଧକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ରୀତା ରାଣୀ ଏବଂ ଶ୍ରୀମତୀ ନବନୀତା ପାଲ ଚୌଧୁରୀ, ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଶ୍ରୀ ଟି. ବି. ଟପ୍ପୋ, ସଂଘତିର ସମ୍ପାଦିକା ସାରିକା କୁମାର, ଅନ୍ୟ ପରିଚାଳନା ପରିଷଦ ସଦସ୍ୟା ଉତ୍ସବରେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଏସ୍. ସାମଲ ଏବଂ ବିଦ୍ୟାଳୟ ପ୍ରଶାସକ ଶ୍ରୀ ଏସ୍. କେ. ମିଶ୍ର, ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରବେଶ ଉତ୍ସବ ଏକ ପାରମ୍ପରିକ ଖଡିଛୁଆଁ ପୂଜାରୀତି ସହିତ ଆରମ୍ଭ ହୋଇଥିଲା,। ଏଥିରେ ଜଣେ ପୁରୋହିତ ପ୍ରତୀକାତ୍ମକ ଭାବରେ ପିଲାମାନଙ୍କୁ ଚକ୍ ଧରିବା ଏବଂ ସ୍ଲେଟ୍‌ରେ ଆଙ୍କିବା ପାଇଁ ମାର୍ଗଦର୍ଶନ କରି ସେମାନଙ୍କର ଶିକ୍ଷଣ ଯାତ୍ରା ଆରମ୍ଭ କରିଥିଲେ । ଏହା ଶିକ୍ଷା ଜଗତରେ ସେମାନଙ୍କର ପ୍ରଥମ ପାଦ ଚିହ୍ନକୁ ଚିହ୍ନିତ କରିବାର ଏକ ବିଶେଷ ମୁହୂର୍ତ୍ତ ଥିଲା ।

ଏହି ଅବସରକୁ ପାଳନ କରିବା ପାଇଁ, ସମ୍ମାନିତ ବ୍ୟକ୍ତିମାନେ ଶିଶୁ ଭାଟିକାର ନୂତନ ପ୍ରବେଶକାରୀମାନଙ୍କୁ ଅଧ୍ୟୟନ କିଟ୍ ବଣ୍ଟନ କରିଥିଲେ । ପ୍ରତ୍ୟେକ କିଟ୍‌ରେ ଗୋଟିଏ ସ୍କୁଲ୍ ବ୍ୟାଗ୍, ସ୍ଲେଟ୍, ଚକ୍, ଷ୍ଟେସନାରୀ ସାମଗ୍ରୀ, ଗୋଟିଏ ପାଣି ବୋତଲ ଏବଂ ଖାଦ୍ୟ ପ୍ୟାକେଟ୍ ଅନ୍ତର୍ଭୁକ୍ତ ଥିଲା, ଯାହା ପିଲାମାନଙ୍କ ପ୍ରଥମ ଦିନକୁ ଆନନ୍ଦମୟ ଗଢିଥିଲା । ସ୍କୁଲର ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କାର୍ଯ୍ୟସୂଚୀ ଅନୁଯାୟୀ ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ବାରିପଦା, ୭/୪ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସକାଳ ୭ଘଟିକା ସମୟରେ ମୟୂରଭଞ୍ଜ ଜ଼ିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଭା. ପ୍ର. ସେଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ, ଭା.ପୋ.ସେ., ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ , ଓ. ପ୍ର. ସେ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଓ.ପ୍ର. ସେ. ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୧୦ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୧୦ଗୋଟି ଅଭିଯୋଗ ମଧ୍ୟରୁ ୧୦୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୦୪ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ୬ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା । ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୨ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦,୦୦୦/-ଟଙ୍କା ମଂଜୁର କରିଛନ୍ତି ଏବଂ ୦୩ ଜଣଙ୍କୁ ରେଡ କ୍ରସ ପାଣ୍ଠିରୁ ୧୫,୦୦୦/- ଟଙ୍କା ଆର୍ଥିକ ସହାୟତା ମଂଜୁର କରିଛନ୍ତି । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜି ଜନ ଶୁଣାଣି ଶିବିରକୁ ଆସିଥିବା ଆବେଦନକାରି ମାନଙ୍କ ପାଇଁ ଶେଡ୍ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ଓ ଘୋଳ ଦହି ବଣ୍ଟନ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ପାଳନ ହେଲା ବର୍ଣ୍ଣବୋଧ ବଂଟନ ଉତ୍ସବ

ରାଉରକେଲା, ୭/୪ (ନି.ପ୍ର): ଓଡ଼ିଆ ପକ୍ଷ - ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସପ୍ତମ ଦିନରେ ଆଜି ଜିଲ୍ଲାବ୍ୟାପୀ 'ବର୍ଣ୍ଣବୋଧ ଉତ୍ସବ' ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବହି ବଂଟନ କରାଯାଇଅଛି । ଏହି ଅବସରରେ କୁତ୍ରା ବ୍ଲକ ସ୍ଥିତ ପି ଏମ ଶ୍ରୀ ସରକାରୀ ଉତ୍କର୍ଷ ବିଦ୍ୟାଳୟ ଠାରେ 'ବର୍ଣ୍ଣବୋଧ ଉତ୍ସବ' ଆୟୋଜିତ ହୋଇ ବର୍ଣ୍ଣବୋଧ ବହି ବଂଟନ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ବ୍ଲକ ଅଧକ୍ଷ ଶ୍ରୀମତୀ ଶାନ୍ତିଲତା ଲାକ୍ରା, ଗୋଷ୍ଠି ଉନ୍ନୟନ ଅଧିକାରୀ ଯୁଗଳ ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରୀ ନୈନା କୁଜୁର ଏବଂ ବିଦ୍ୟାଳୟର ଶିକ୍ଷକ ମାନେ ଥିଲେ । ଏହି ଅବସରରେ ଛତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଂଟନ ହୋଇଥିଲା । ଅତିଥି ମାନେ ଓଡ଼ିଆ ପିଲାଙ୍କ ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ବର୍ଣ୍ଣବୋଧ ବଂଟନ କାର୍ଯ୍ୟକ୍ରମରେ ସାମିଲ ହେବା ଓ ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ କରିବା ପାଇଁ ଆମେ ସମସ୍ତେ ପ୍ରୟତ୍ନ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସେହିଭଳି ସୁନ୍ଦରଗଡ଼ର ସ୍ଥାନୀୟ ଭବାନୀ ଶଙ୍କର ବିଦ୍ୟାଳୟ ଏବଂ ରଥ ନୋଡାଲ ବିଦ୍ୟାଳୟ ଠାରେ ବର୍ଣ୍ଣବୋଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ବର୍ଣ୍ଣବୋଧ ବହି ରୁ ଆମ ସମସ୍ତଙ୍କ ସହ ଜଡ଼ିତ । ସମସ୍ତେ ପାଠ୍ୟ ପ୍ରାରମ୍ଭରେ ବର୍ଣ୍ଣବୋଧ ପୁସ୍ତକ ସଂପୃକ୍ତ ହୋଇଛନ୍ତି । ଏଥିରୁ ହିଁ ଆମେ ଶିକ୍ଷା ଲାଭ କରିଥାଉ ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପରେ ପରେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ହୋଇଥିଲା । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ପ୍ରଧାନ ଶିକ୍ଷୟତ୍ରୀ ଆରାଧନା ଭୋଇ, ନଳିନୀ ପଟେଲ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ ।

# କଲିକତା ମହାନଗରୀରେ ଉତ୍କଳ ଶିକ୍ଷା ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳିତ



କଲିକତା , ୭/୪ (ନି.ପ୍ର): ପ୍ରତି ବର୍ଷ କଲିକତା ମହାନଗରୀରେ ଉତ୍କଳ ଶିକ୍ଷା ସଂସଦ ଉତ୍କଳ ଦିବସ ପାଳନ କରିଆସୁଛି । ଚଳିତ ବର୍ଷ ମଧ ଅପ୍ରେଲ୍ ୧ ତାରିଖରେ କଲିକତାର ରବୀନ୍ଦ୍ର ସଦନ ପ୍ରେକ୍ଷାଳୟରେ ଉତ୍କଳ ଶିକ୍ଷା ସଂସଦ ତରଫରୁ ୯୦ତମ ଉତ୍କଳ ଦିବସ ପାଳନ ଓ ସଂସଦର ୪୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ କରାଯାଇଛି । ଏହି ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବରେ ସୁନାମଧନ୍ୟ ଡାକ୍ତର ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ । ଭାଷା ଭିତ୍ତିକ ଓଡ଼ିଶା ରାଜ୍ୟ ଗଠନ, ଓଡ଼ିଆ ସଂସ୍କୃତି, ଓଡ଼ିଆଙ୍କ ବଡ଼ ଠାକୁର, ପଦାର୍ଥ ବିଜ୍ଞାନ, ଚିକିତ୍ସା ବିଜ୍ଞାନ, ମାନବ ଧର୍ମ, ସମାଜ ଧର୍ମ, ଇତ୍ୟାଦି ଉପରେ ଡାକ୍ତର ମହାପାତ୍ରଙ୍କ ବିସ୍ତୃତ ଓ ଉଚ୍ଛ୍ୱସିତ ଅଭିଭାଷଣ ଉପସ୍ଥିତ ଦର୍ଶକ ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସଂସଦର ଅଧକ୍ଷ ଶ୍ରୀଯୁକ୍ତ ଦେବୀପ୍ରସାଦ ପାତ୍ର, ସଭାପତି ଶ୍ରୀଯୁକ୍ତ ଅଜିତ ରଞ୍ଜନ ବର୍ଦ୍ଧନ, ଉପସଭାପତି ଶ୍ରୀଯୁକ୍ତ ପୀତାମ୍ବର ବାରିକ, ଉପସଭାପତି ଶ୍ରୀଯୁକ୍ତ ସୁଦର୍ଶନ ଜେନା, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସାହୁଙ୍କ ସହିତ ସମସ୍ତ କର୍ମକର୍ତ୍ତା, ସଦସ୍ୟ-ସଦସ୍ୟା ଏବଂ ବହୁ ସଂଖ୍ୟକ ପ୍ରବାସୀ ଉତ୍କଳୀୟ ଭାଇଭଉଣୀ ସଭାରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଶିକ୍ଷା ସଂସଦର ମୁଖପତ୍ର 'ପ୍ରତିବେଶୀ'ର ସ୍ୱତନ୍ତ୍ର ସଂଖ୍ୟାକୁ ପାଠକାର୍ପଣ କରାଯାଇଥିଲା । ସୁନାମଧନ୍ୟ ସଂଗୀତ ଶିଳ୍ପୀ ବିଷ୍ଣୁ ମୋହନ କବି ଓ ତାଙ୍କର ସହଯୋଗୀ ଶିଳ୍ପୀମାନେ ସଂଗୀତ ପରିବେଷଣ କରିଥିଲେ । ଡକ୍ଟର ଶ୍ରୀନିବାସ ଘଟୁଆରୀ ସଭା ସଞ୍ଚାଳନା କରିଥିଲେ ।

# ସମ୍ବଲପୁରରେ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସମାରୋହ

## ଫିଟନେସ୍ କାର୍ଯ୍ୟକ୍ରମକୁ ଜନଆନ୍ଦୋଳନରେ ପରିଣତ କରିବା: ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର, ୭/୪ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଜିଲ୍ଲା ବଡିବିଲଡର ଏବଂ ଫିଟନେସ୍ ଆସୋସିଏସନ ପକ୍ଷରୁ ଆୟୋଜିତ ୧୮ତମ ସିନିୟର ନ୍ୟାସନାଲ ବଡିବିଲଡିଂ ଏବଂ ଫିଟନେସ୍ ଚାମ୍ପିୟନସିପ୍ - ମିଷ୍ଟର ଇଣ୍ଡିଆ ଏବଂ ମିସ୍ ଇଣ୍ଡିଆ ୨୦୨୫-୨୬ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ସୁନ୍ଦର ସ୍ୱାସ୍ଥ୍ୟ ତଥା ସାମାଜିକ ଜୀବନରେ ସୁସ୍ଥ ରହିବା ପାଇଁ ଫିଟନେସ୍ ଭଳି କାର୍ଯ୍ୟକ୍ରମକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ କରିଛନ୍ତି ଶ୍ରୀ ପ୍ରଧାନ । ଓଡ଼ିଶାରେ ପ୍ରଥମ ଥର ପାଇଁ କଳିଙ୍ଗ ବଡିବିଲଡିଂ ଆସୋସିଏସନ ସହଯୋଗରେ ଏଭଳି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ କରି ସମ୍ବଲପୁର ଏବଂ ଓଡ଼ିଶାର ମାନ ବଢାଇଥିବାରୁ ସମ୍ବଲପୁର ଜିଲ୍ଲା ବଡିବିଲଡର ଆଣ୍ଡ୍ ଫିଟନେସ ଆସୋସିଏସନର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ବିଧାୟିକା ଡ. ରାଶେଶ୍ୱରୀ ପ୍ରାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ସ୍ପୋର୍ଟ୍ସ ମ୍ୟାନ୍ ସ୍ପିରିଟର ଉତ୍ସାହ ବଢୁଛି । ସମ୍ବଲପୁର ଉତ୍ସାହୀ ଲୋକମାନଙ୍କର ସହର । ଏଠାରେ ଖେଳକୁ ନେଇ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଅଛି । ଫୁଟବଲ, କବାଡି, ସନ୍ତରଣ ସହ ଅନ୍ୟାନ୍ୟ ଆଥଲେଟିକ୍ ଗେମ ପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ଅଛି । ନାଚ, ଗୀତ, ପର୍ବ ପର୍ବାଣୀ, ଖାଦ୍ୟ ପେୟକୁ ନେଇ ବିଶେଷ ଆକର୍ଷଣ ରହିଛି । ସାମାଜିକ ଜୀବନର ଚାଲିଚଳଣୀରେ ଜୀବନ୍ତତା ଭରିରହିଛି । ଏପରି ଏକ ସହରରେ ଫିଟନେସ୍ ପ୍ରତି ପିଲାମାନଙ୍କ ମଧ୍ୟରେ ଆଗ୍ରହ ବଢାଇବା ଦରକାର । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟରେ ଛୋଟ ଛୋଟ ପିଲାମାନେ ଚଟପଟି ଖାଦ୍ୟ ତଥା ମ୍ୟାଗି, କୁରକୁରେ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ତେଣୁ ବିଶେଷ ଭାବରେ ସେମାନେ ସେହି ଖାଦ୍ୟରୁ ଦୂରେଇ କିପରି ଫିଟନେସ୍ ରହିବେ, ସେଥି ପ୍ରତି ସମସ୍ତେ ଦୃଷ୍ଟି ଦେବା ଦରକାର । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବ ସମାଜକୁ ନିଜ ଖାଦ୍ୟ ପ୍ରଣାଳୀରେ ୧୦ ପ୍ରତିଶତ ଖାଇବା ତେଲ କମ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏହି ଜନଆନ୍ଦୋଳନରେ ସାମିଲ ହୋଇ ଆମର ଖାଦ୍ୟ ପଦ୍ଧତିରେ ୧୦ ପ୍ରତିଶତ ତେଲ କମ କରିବା ଏବଂ ଅନ୍ୟମାନଙ୍କୁ ମଧ ଏ ବିଷୟରେ ସଚେତନ କରାଇବା ଆବଶ୍ୟକ । ମୋଦୀ ସରକାରରେ ଖେଲୋ ଇଣ୍ଡିଆ ଏବଂ ଫିଟ୍ ଇଣ୍ଡିଆ ଭଳି ପଦକ୍ଷେପ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟରୁ ପ୍ରତିଭାବାନ କ୍ରୀଡ଼ାବିତ୍ ?ଙ୍କୁ ଅନ୍ୱେଷଣ କରୁଛି । ତେଣୁ ବର୍ତ୍ତମାନ ସମୟରେ ଦୌଡିବା ସହ ଇନଡୋର ଜିମ, ଓପନ ଜିମ୍ ଯିବା ପାଇଁ ଯୁବବର୍ଗଙ୍କୁ ପ୍ରେରିତ କରିବା ଦରକାର । ନିଜକୁ ସୁସ୍ଥ ରଖିବାର ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

# ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ 'ବର୍ଣ୍ଣବୋଧ ବଂଟନ ଉତ୍ସବ' ପାଳିତ


ସମ୍ବଲପୁର, ୭/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ଓଡ଼ିଆ ଭାଷା ଓ ସଂସ୍କୃତିର ସଚେତନତା ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାର ବିଭିନ୍ନ ଅଂଚଳରେ 'ବର୍ଣ୍ଣବୋଧ ବଂଟନ- ବର୍ଣ୍ଣବୋଧ ଉତ୍ସବ' ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିଡ଼ିପିଓ ମମତା ପାଣିଗ୍ରାହୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରେଣୁବାଳା ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ମାମୁନି ଆଚାର୍ଯ୍ୟ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲ୍ଲୁଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଦଲଦଲିପଡା, ଧନକଉଡା ବ୍ଲକର ଶାନ୍ତି ସଦନ, ମାନେଶ୍ୱର ବ୍ଲକ କାର୍ଯ୍ୟାଳୟର ଜନ ଶୁଣାଣୀ ଓ ତେନ୍ତୁଳିକୁର୍ଲ୍ଲା ଠାରେ ବର୍ଣ୍ଣବୋଧ ବଂଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଓ ଓଡ଼ିଆ ଭାଷାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାଷାଗତ ଶିକ୍ଷଣ ଓ ବିକାଶର ପରିବେଶ ସୃଷ୍ଟି କରିବା ଦିଗରେ ଏହି ଦିବସକୁ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ଉତ୍ସର୍ଗୀକୃତ କରାଯାଇଛି । ସୂଚନାଯୋଗ୍ୟ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ବର୍ଣ୍ଣବୋଧ ପୁସ୍ତକ ଗୁଡିକୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଅବସ୍ଥାପିତ ବିଦ୍ୟାଳୟ ଗୁଡ଼ିକରେ ସେଠାର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଂଟନ କରାଯାଇଥିଲା ।

# ବୋମା ବିସ୍ଫୋରଣରେ ଜଣେ ମୃତ: ୧ ଗୁରୁତର

ଖୋର୍ଦ୍ଧା, ୭/୪ (ନି.ପ୍ର): ବାଇକ୍ ଦୁର୍ଘଟଣା ହେବା ପରେ ଘଟିଲା ବୋମା ବିସ୍ଫୋରଣ । ଏହି ବିସ୍ଫୋରଣରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ସଦର ଥାନା ଅନ୍ତର୍ଗତ ଷଢେଇଗଡ ଗ୍ରାମର ନିରାକାର ସିଂ । ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଷଢେଇଗଡ ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ବାଇକ୍ ରେ ବୋମା ନେଇ ଯାଉଥିବା ବେଳେ ଷଢେଇଗଡ ବିଶ୍ୱାଳ ସାହି ନିକଟରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଭାରସାମ୍ୟ ହରାଇ ବାଇକ୍ ଟି ଓଲଟି ପଡିବାରୁ ବ୍ୟାଗ୍ ରେ ଥିବା ବୋମା ବିସ୍ଫୋରଣ ଘଟିଲା । ବିସ୍ଫୋରଣରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଂଚିଛି । ଘଟଣାସ୍ଥଳରେ ପୋଲିସ ପହଂଚି ମୃତଦେହ ଜବତ କରିବା ସହ ଗୁରୁତରଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଖୋର୍ଦ୍ଧା ଚିକିତ୍ସାଳୟ ପଠାଇଥିଲେ । ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ପଠାଇଛି ପୋଲିସ । ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଘଟଣାସ୍ଥଳରେ ସଦର ଥାନା ପୋଲିସ ଉପସ୍ଥିତ ରହି ଘଟଣାର ତଦନ୍ତ ଚଳାଇଛି ।

# ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ

ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ୍ୟ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ୍ୟ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...





ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧ୍ୟରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ୍ୟ କୁହାଯାଏ । ଯହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧ୍ୟରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ। କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ୍ୟ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାଜୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ୍ୟ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି। ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ୍ୟ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏଜି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

## କାମରେ ବାଧା ଏବଂ ଖରାପ ନଜର ଦୂର କରେ କଳା ସୋରିଷ




ସମସ୍ତେ ଜୀବନରେ ଅଗ୍ରଗତି କରି ଟଙ୍କା, ଧନ ଏବଂ ଗୌରବ ଲାଭ କରିବାକୁ ଚେଷ୍ଟା କରନ୍ତି ।ଏଥିପାଇଁ ସେ କଠିନ ପରିଶ୍ରମ କରନ୍ତି, କିନ୍ତୁ ଅନେକ କାରଣରୁ ସେ ଅଗ୍ରଗତି କରିବାକୁ ସକ୍ଷମ ହୋଇପାରନ୍ତିନି । ଏହା ପଛର କାରଣ ହେଉଛି, ଅନେକ ପ୍ରକାରର ତ୍ରୁଟି ଏବଂ ମନ୍ଦ ଆଖି ହୋଇପାରେ । ଏପରି ପରିସ୍ଥିତିରେ, ଆଜି ଆମେ ଖାଦ୍ୟରେ ବ୍ୟବହୃତ କଳା ସୋରିଷର ପ୍ରତିକାର ବିଷୟରେ ସୂଚନା ଦେବୁ । କଳା ସୋରିଷର ପ୍ରତିକାରଗୁଡିକ ଅତି ସଠିକ୍ ଭାବରେ ବିବେଚନା କରାଯାଇଛି । ଏହି ପ୍ରତିକାରଗୁଡିକ କରିବା ଦ୍ୱାରା ଖରାପ ନଜର ଚାଲିଯାଏ ଏବଂ ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ବୃଦ୍ଧି ପାଏ । ଯଦି ଆପଣ ଭାଗ୍ୟର ସମର୍ଥନ ପାଇ ନାହାଁନ୍ତି, ତେବେ ଶୋଇଥିବା ଭାଗ୍ୟକୁ ଜାଗ୍ରତ କରିବା ପାଇଁ ଏକ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ ଏବଂ ସେଥିରେ କଳା ସୋରିଷ ମଞ୍ଜି ରଖନ୍ତୁ । ଏହା ପରେ ଏହି ପାଣିରେ ସ୍ନାନ କରନ୍ତୁ । ଏହା କରିବା ଦ୍ୱାରା, ଭାଗ୍ୟ ଜାଗ୍ରତ ହୁଏ ଏବଂ ଭାଗ୍ୟର ସମର୍ଥନ ପାଇବା ଆରମ୍ଭ କରେ । ବ୍ୟକ୍ତି ଜୀବନରେ କଠିନ ପରିଶ୍ରମ କରେ, କିନ୍ତୁ କିଛି ତାର ଫଳାଫଳ ପାଏ ନାହିଁ । ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ହଠାତ୍ ଖରାପ ହେବାକୁ ଲାଗେ ଏବଂ କାର୍ଯ୍ୟରେ ବାଧା ଉପୁଜିଥାଏ । ଏଭଳି ପରିସ୍ଥିତିରେ ଗୁରୁବାର ଦିନ କଳା ସୋରିଷ ଅର୍ଥାତ୍ ସୋରିଷ ଦାନ କରନ୍ତୁ। ଆପଣଙ୍କ ଘରେ କିମ୍ବା ସଦସ୍ୟଙ୍କ ଉପରେ ଯଦି କେହି ଖରାପ ନଜର ପକାଇଛନ୍ତି, ତେବେ ସୋରିଷ ମଞ୍ଜି, ସାତୋଟି ଲାଲ୍ ଲଙ୍କା ଏବଂ ଲୁଣ ସେହି ବ୍ୟକ୍ତିଙ୍କ ମୁଣ୍ଡରେ ସତ ଥର ଘୂର୍ଣ୍ଣନ କରି ଜ୍ୱଳନ୍ତ ନିଆଁରେ ପକାଇ ଦିଅନ୍ତୁ । ଆପଣ ଏହି ପ୍ରତିକାରକୁ ବାମ ହାତରେ କରିବା ଉଚିତ୍ । କଳା ସୋରିଷର ଏହି ପ୍ରତିକାର ଖରାପ ନଜରରୁ ରକ୍ଷା କରିବାରେ ସାହାଯତ ହୋଇଥାଏ ।

## ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ବଢିଯାଏ ହାର୍ଟ ଆଟାକର ସମ୍ଭାବନା




ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଥାଏ। ଏଥିପାଇଁ ପିଇବା ପାଣିର ତାପମାତ୍ରା ୨୦ ରୁ ୨୨ ଡିଗ୍ରୀ ମଧ୍ୟରେ ରହିବା ଉପଯୁକ୍ତ। କେତେକ ବ୍ୟକ୍ତି ଖାଇବା ପରେ ଫ୍ରିଜ୍ ପାଣି ପିଇଥାଆନ୍ତି। କିନ୍ତୁ ଏହି ପାଣି ଯଦି ଅତ୍ୟଧିକ ଥଣ୍ଡା ହୋଇଥାଏ, ତେବେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ପାଣି ଅଧିକ ଥଣ୍ଡା ଥିଲେ ଏବଂ ତାହାକୁ ପିଇଲେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଅପରପକ୍ଷରେ ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଥଣ୍ଡା ପାଣି ପିଇବା ମାତ୍ରକେ ଢୋକିବା ପାଇଁ ସମୟ ଲାଗେ। କାରଣ ଏହି ପାଣିର ତାପମାତ୍ରା କିଛି ପରିମାଣରେ ସାମାନ୍ୟ ହେବା ପରେ ଗଳାରୁ ଖସିଥାଏ। କିନ୍ତୁ ନିରନ୍ତର ଖାଇବା ପରେ ସ୍ୱାସ୍ଥ୍ୟ ଥଣ୍ଡାପାଣି ପିଇବା କ୍ଷତିକାରକ ଭାବେ ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା ଟନ୍‌ସିଲ ସମସ୍ୟା ଉପୁଜିଥାଏ। ଥଣ୍ଡା ପାଣି ଦ୍ୱାରା ପେଟର ଅନ୍ତଃନଳୀ ସଙ୍କୁଚିତ ହୋଇଯାଏ, ଯଦ୍ୱାରା କଫ ସମସ୍ୟା ଦେଖାଦିଏ। ତେଣୁ କଫ ସମସ୍ୟା ଭୋଗୁଥିବା ଲୋକେ ଥଣ୍ଡା ପାଣିଠୁ ଦୂରରେ ରହିବା ଭଲ।

## ଅଲ୍‌ଝାଇମର୍ସ ପାଇଁ ପୋଦିନା ବରଦାନ



ଅଲ୍‌ଝାଇମର୍ସ ଓ ପୋଦିନା ତୈଳ ବା ରାସାୟନିକ ଯୌଗିକ 'ମେନ୍ଥଲ' ମଧ୍ୟରେ ଏକ ଅଜଣା ସମ୍ପର୍କ ଲୋକଲୋଚନକୁ ଆସିଛି। ସଦ୍ୟ ଅନୁଷ୍ଠିତ ଏକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଏକ ଅଲ୍‌ଝାଇମର୍ସରେ ପୀଡ଼ିତ ମୂଷାକୁ 'ମେନ୍ଥଲ' ଶୁଂଘାଇବା ଦ୍ୱାରା ତାହାର ଜ୍ଞାନାତ୍ମକ ଦକ୍ଷତାରେ ଉନ୍ନତି ଘଟିପାରୁଛି। ସୁତରାଂ ଅଲ୍‌ଝାଇମର୍ସ ଦ୍ୱାରା ମସ୍ତିଷ୍କର ସ୍ନାୟୁ ବା କୋଷରେ ସଂଘଟିତ କ୍ଷତିକୁ ଏହି ରାସାୟନିକ ପଦାର୍ଥ ରୋକିପାରିବ ବୋଲି ଆଶା କରାଯାଉଛି। ଆମ ମସ୍ତିଷ୍କରେ 'ଇଣ୍ଟରଲ୍ୟୁକିନ୍-୧-ବିଟା' ନାମକ ଏକ ପ୍ରକାର ପ୍ରୋଟିନ୍ କ୍ଷରଣ ହୋଇଥାଏ, ଯାହା ଶରୀରରେ ପ୍ରଦାହ ସମ୍ବେଦନଶୀଳତାକୁ ନିୟନ୍ତ୍ରଣ କରିଥାଏ, ଫଳରେ ଶରୀରକୁ ରୋଗପ୍ରତିରୋଧକତା ପରି ପ୍ରାକୃତିକ ସୁରକ୍ଷା ମିଳିଥାଏ। ତେବେ ଏହି ପ୍ରୋଟିନ୍‌ର ଅସନ୍ତୁଳନ ନାନା ସମସ୍ୟା ସୃଷ୍ଟି କରିଥାଏ। ବିଶେଷ କରି ଅଲ୍‌ଝାଇମର୍ସ ଆକ୍ରାନ୍ତଙ୍କ ଠାରେ ଏହି ପ୍ରୋଟିନ୍ ପରିମାଣର ହ୍ରାସ ପରିଲକ୍ଷିତ ହୋଇଥାଏ। ପୂର୍ବରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, କୌଣସି ଗନ୍ଧ ଆଘ୍ରାଣ ଦ୍ୱାରା ଶରୀରର ଏହି ରୋଗପ୍ରତିରୋଧକତା ଅବସ୍ଥାରେ ଉନ୍ନତି ଅଣାଯାଇପାରିବ। ତେଣୁ ଗବେଷକମାନେ ବିଭିନ୍ନ ପ୍ରକାର ରାସାୟନିକ ଯୌଗିକର ଗନ୍ଧକୁ ପ୍ରୟୋଗ କରି ଆସୁଥିଲେ। ଏହି କ୍ରମରେ ପରୀକ୍ଷାମୂଳକ ଭାବେ ମୂଷାଙ୍କୁ ଦୀର୍ଘ ଛଅମାସ କାଳ ନିର୍ଦ୍ଦିଷ୍ଟ ମାତ୍ରାର 'ମେନ୍ଥଲ' ଶୁଂଘାଇବା ପରେ ତାହାର 'ଇଣ୍ଟରଲ୍ୟୁକିନ୍-୧-ବିଟା' ପ୍ରୋଟିନ୍ ସ୍ତର ପୂର୍ବାବସ୍ଥାକୁ ଫେରି ଆସିଥିବା ଜଣାପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଲ୍‌ଝାଇମର୍ସ ପୀଡ଼ିତ ମୂଷାଠାରେ 'ମେନ୍ଥଲ' ପ୍ରୟୋଗ ତାହାର ରୋଗପ୍ରତିରୋଧକତା ବଢ଼ାଇବା ସହ ସେ ତାହାର ଜ୍ଞାନାତ୍ମକ ଦକ୍ଷତା ଉଲ୍ଲେଖନୀୟ ଭାବେ ଫେରି ପାଇଥିବା ଦେଖାଯାଇଥିଲା। ବିଶେଷ କରି ଅଲ୍‌ଝାଇମର୍ସ, ପାର୍କିନ୍‌ସନ୍‌ସ ଓ ସିଜୋଫ୍ରେନିଆ ଆଦି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ଘ୍ରାଣଶକ୍ତି ଢେର କମିଯାଇଥାଏ। ସୁତରାଂ ଏହି ସଦ୍ୟ ଅନୁଧ୍ୟାନ ଗବେଷକମାନଙ୍କ ମନରେ 'ମେନ୍ଥଲ' ଆଘ୍ରାଣକୁ ଏକ ଅଲ୍‌ଝାଇମର୍ସ ଉପଚାର ଭାବେ ଉପଯୋଗ କରିବାର ଆଶା ସଂଚାର କରିଛି।

## ଅଧିକ କାମ ମଧୁମେହର କାରଣ





ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ୍ୟ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁନିଲ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷାୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଉର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

## ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ



ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀକୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଳଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମଧ୍ୟପ୍ରାଚ୍ୟକୁ ନୂଆ ବିପଦ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅହଂକାରର ପରିଣତି କି ରୂପ ନେବ ତାହା ଏବେଠାରୁ ଆକଳନ କରିବା କଷ୍ଟକର। ତେବେ ସେ ଆଗପଛ ନ ବିଚାରି କ୍ରମାଗତ ଗୋଟିକ ପରେ ଗୋଟିଏ ଘୋଷଣା କରି ବିଶ୍ୱ ଜନସମୁଦାୟକୁ ସାମୟିକ ହତ୍‌ଚକିତ କରିଥିଲେ ମଧ ସେଗୁଡ଼ିକୁ କାର୍ଯ୍ୟକାରୀ କରିନପାରି ବିକଳ୍ପର ସନ୍ଧାନରେ ଥିବା ଭଳି ମନେହୁଏ। ଇସ୍ରାଏଲ ଓ ହମାସ ମଧରେ ବର୍ଷାଧିକକାଳ ଚାଲିଥିବା ଯୁଦ୍ଧରେ ସାମୟିକ ବିରତି, ରୁଷ-ୟୁକ୍ରେନ୍ ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଭଳି କେତେକ ପ୍ରସ୍ତାବ ମାଧମରେ ସେ ସାମୟିକ ପ୍ରଶଂସା ସାଉଁଟିଥିଲେ ମଧ ସମୟକ୍ରମେ ତାହା ଦିଗହରା ହୋଇଛି। କ୍ଷମତାଲିପ୍ସୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ନିଜର ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଟ୍ରମ୍ପ ବ୍ୟାପକ ଯୁଦ୍ଧାସ୍ତ୍ର ଯୋଗାଇଥିବାରୁ ହମାସ୍ କବ୍‌ଜାରେ ଥିବା ପଣବନ୍ଦୀଙ୍କ ମୁକ୍ତି ସମ୍ଭାବନା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଅନ୍ୟପକ୍ଷରେ ଇରାନକୁ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ସେ ମଧ୍ୟପ୍ରାଚ୍ୟରେ ଏକ ବୃହତ୍ତର ଯୁଦ୍ଧର ପୃଷ୍ଠଭୂମି ପ୍ରସ୍ତୁତ କରିଛନ୍ତି। ଏହାକୁ କେନ୍ଦ୍ରକରି ତୃତୀୟ ବିଶ୍ୱଯୁଦ୍ଧ ଉପୁଜିପାରେ ବୋଲି ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଥିଲେ ହେଁ ତାହା ଆଗକୁ ଭୟଙ୍କର ତୈଳ ସଂକଟ ସୃଷ୍ଟି କରିବା ଏକପ୍ରକାର ନିଶ୍ଚିତ। ଅବିଚାରିତ ଭାବେ ନାଲିଆଖି ଦେଖାଇ ସମସ୍ତଙ୍କୁ ସବୁଦିନ ପାଇଁ ଜବତ କରାଯିବା ସମ୍ଭବ ନୁହେଁ। ତାଙ୍କୁ ପରିବର୍ତ୍ତିତ ବାଣିଜ୍ୟ ନୀତି କଡ଼ା ମୁକାବିଲାର ସମ୍ମୁଖୀନ ହେବା ପରେ ସେ ଅପେକ୍ଷାକୃତ ନରମ ମନୋଭାବ ପ୍ରଦର୍ଶନ କରୁଥିବାର ପରିଲକ୍ଷିତ ହୋଇଛି। ଆମେରିକା ଓ ଇରାନ ବିଦ୍ୱେଷର ପୃଷ୍ଠଭୂମିକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ ତୈଳଭଣ୍ଡାର ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଲୋଲୁପ ଦୃଷ୍ଟି ଓ ନିୟନ୍ତ୍ରଣ। ମଧ୍ୟପ୍ରାଚ୍ୟର ୭ଟି ରାଷ୍ଟ୍ର ସହ ସୁସମ୍ପର୍କ ପ୍ରତିଷ୍ଠା ଓ ସାମରିକ ସହଯୋଗ ମାଧମରେ ଆମେରିକା ପରୋକ୍ଷରେ ତୈଳ ଅର୍ଥନୀତିକୁ ନିୟନ୍ତ୍ରଣ କରିଆସିଛି। ଏ କ୍ଷେତ୍ରରେ ଇରାନ ହିଁ ବ୍ୟତିକ୍ରମ। ଇରାନ ଓ ଆମେରିକା ମଧରେ ବିବାଦର ସୂତ୍ରପାତ ଘଟିଛି ୧୯୫୩ ମସିହାରେ। ତତ୍ ? ?କାଳୀନ ଇରାନ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦ୍ଦିକ ତୈଳ ସମ୍ପଦର ରାଷ୍ଟ୍ରୀୟକରଣ ଘୋଷଣା କରିବା ପରେ ଆମେରିକା ବ୍ରିଟେନ୍ ଭଳି ୫ଟି ୟୁରୋପୀୟ ରାଷ୍ଟ୍ରଙ୍କ ସ୍ୱାର୍ଥହାନୀ ଘଟିଥିଲା। ସିଆଇଏ ଓ ବ୍ରିଟେନ୍ ଉଦ୍ୟମରେ ମୋସାଦ୍ଦିକଙ୍କୁ କ୍ଷମତାଚ୍ୟୁତ କରାଗଲା। ସେମାନଙ୍କ ଇସାରାରେ ସାର ରେଜା ପହଲେବି ହେଲେ ଇରାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ। ତେଣିକି ସେମାନଙ୍କ ପରାମର୍ଶରେ ଇରାନର ତୈଳଭଣ୍ଡାର ଉନ୍ମୁକ୍ତ ହୋଇଗଲା। ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଏହି ପ୍ରାଧାନ୍ୟ ବିରୋଧରେ ଖାମେନିଙ୍କ ନେତୃତ୍ୱରେ ଯେଉଁ ବିଦ୍ରୋହ ଆରମ୍ଭ ହେଲା, ତାହା ଇରାନରେ ନବଜାଗରଣ ସୃଷ୍ଟି କଲା। ସମୃଦ୍ଧ ରାଷ୍ଟ୍ରଗଠନର ଭିତ୍ତିଭୂମି ପ୍ରତିଷ୍ଠା ମାଧମରେ ଶୂନ୍ୟ ନିର୍ଭରଶୀଳତାକୁ ପ୍ରାଧାନ୍ୟ ଦିଆଗଲା। ହେଲେ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ କୂଟନୈତିକ ଚାପ ଓ ପ୍ରତିବନ୍ଧ ପ୍ରୟୋଗ ଫଳରେ ଅର୍ଥନୀତିର ଗତିଶୀଳତା ହ୍ରାସ ପାଇଲା ସତ; କିନ୍ତୁ ଇରାନ ଆତ୍ମସମର୍ପଣ କଲାନାହିଁ। ବିଶ୍ୱର ବିକଳ୍ପ ଶକ୍ତି ସହଯୋଗରେ ପ୍ରତିରକ୍ଷା କ୍ଷେତ୍ରରେ କେବଳ ନିଜକୁ ସମର୍ଥ କଲାନାହିଁ; ଆଣବିକ କାର୍ଯ୍ୟକ୍ରମରେ ମଧ ସଫଳତା ହାସଲ କଲା। ଇରାକ, କାତର ଓ ଆଫଗାନିସ୍ଥାନ ଭଳି ଆମେରିକା ଦ୍ୱାରା ନିୟୋଜିତ ଓ ନିଃଶେଷ ହେଲାଭଳି ପରାଭବ ଭୋଗିବାକୁ ଚାହେଁନି ଇରାନ। ଆମେରିକା ପକ୍ଷରୁ ଆଣବିକ କାର୍ଯ୍ୟକ୍ରମ ନେଇ ବୁଝାମଣା ପାଇଁ ଇରାନକୁ ବାରମ୍ବାର ତାଗିଦ୍ କରାଯାଇଛି। ଟ୍ରମ୍ପଙ୍କ ଏହି ଚାପ ଆପୋଷ ବୁଝାମଣାର ଇଙ୍ଗିତ ନୁହେଁ; ବରଂ ନିର୍ଦ୍ଦେଶ କୁହାଯାଇପାରେ। ଏ ସମ୍ପର୍କରେ ସେ ଇରାନର ଧର୍ମଗୁରୁ ତଥା କ୍ଷମତାକେନ୍ଦ୍ର, ଆୟତୋଲ୍ଲା ଅଲ୍ଲି ଖାମେନିଙ୍କ ନିକଟକୁ ପଠାଇଥିବା ପତ୍ରର ଉତ୍ତର ଓମାନ ମାଧମରେ ଦିଆଯାଇଛି। କିନ୍ତୁ ସମାଧାନ ଓ ବୁଝାମଣାରେ ଉପନୀତ ନ ହେଲେ ଭୟଙ୍କର ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ନିକଟରେ ହାର ମାନିବାକୁ ପ୍ରସ୍ତୁତ ନୁହେଁ ଇରାନ। ଖାମେନିଙ୍କ ନିକଟତମ ମହଲରୁ ପ୍ରକାଶ ଯେ ସେଭଳି ଉଦ୍‌ବେଗଜନକ ପରିସ୍ଥିତି ଉପୁଜିଲେ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବାକୁ ପଛଘୁଞ୍ଚା ଦେବନି ତେହେରାନ। ଆମେରିକାର ସମ୍ଭାବ୍ୟ ଆକ୍ରମଣର ମୁକାବିଲା ପାଇଁ ତେହେରାନ ବ୍ୟାପକ ପ୍ରସ୍ତୁତି ଚଳାଇଥିବା ଖବରରୁ ପ୍ରକାଶ। ନିକଟରେ ମିସାଇଲ ସିଟିର ଭିଡ଼ିଓ ପ୍ରତିପକ୍ଷଙ୍କ ଅବଗତି ନିମନ୍ତେ ଛାଡ଼ିଥିବା ଇରାନ ପକ୍ଷରୁ କୁହାଯାଇଛି ଯେ ମଧ୍ୟପ୍ରାଚ୍ୟରେ ୭ଟି ରାଷ୍ଟ୍ରରେ ଥିବା ଆମେରିକାର ବାୟୁସେନା କେନ୍ଦ୍ରରେ ଲକ୍ଷଭେଦ କରିବାର କ୍ଷମତା ଓ ଦକ୍ଷତା ଏହି ବାଲାଷ୍ଟିକ କ୍ଷେପଣାସ୍ତ୍ରର ଅଛି। ଏଭଳି ଏକ ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଦୁଇପକ୍ଷ ନିଜ ନିଜର ପ୍ରସ୍ତୁତି ଓ କ୍ଷମତା ସମ୍ପର୍କରେ ବୟାନବାଜି ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ମହାସାଗରରେ ଥିବା ଡିଆଗୋ ଗାର୍ସିଆରୁ 'ବି-୨ ବମ୍ବର' ପ୍ରୟୋଗ କରିବାର କ୍ଷମତା ସମ୍ପର୍କରେ ଇରାନ ଅବଗତ ଅଛି। ସୂଚନାଯୋଗ୍ୟ କି ଏହା ୪ ହଜାର କିଲୋମିଟର ଦୂରରେ ଲକ୍ଷ୍ୟଭେଦ ଦକ୍ଷତା ରଖିଛି। ପରିସ୍ଥିତିକୁ ଅଧିକ ଜଟିଳ କରିଛି ରୁଷର ଚେତାବନୀ। ଇରାନ ତାହାର ବନ୍ଧୁରାଷ୍ଟ୍ର। ସାମରିକ କାର୍ଯ୍ୟାନୁଷ୍ଠାନ ହେଲେ ବିନାଶକାରୀ ପରାଭବର ସମ୍ମୁଖୀନ ହେବ ଆମେରିକା। ଇରାନ-ରୁଷ-ଚୀନ ନିକଟରେ ଯେଉଁ ମିଳିତ ସମରାଭ୍ୟାସ କରିଛନ୍ତି, ସେଥିରୁ ସ୍ପଷ୍ଟ ଇଙ୍ଗିତ ମିଳୁଛି ଯେ ଏମାନଙ୍କ ମଧ୍ୟରେ ନିବିଡ଼ ସାମରିକ ସମ୍ପର୍କ ଅଛି। ଏହି ଗୋଷ୍ଠୀରେ ଉତ୍ତରକୋରିଆ ମଧ ଅନ୍ୟତମ ସହଯୋଗୀ। ତେଣୁ ଆମେରିକା ଯେତେ ଶକ୍ତିଶାଳୀ ହେଲେ ମଧ ହଠାତ ଇରାନ ଉପରେ ଆକ୍ରମଣ କରିବାର ସମ୍ଭାବନା କ୍ଷୀଣ।

# 'ବ୍ରିଟିଶଙ୍କ ଗୋଇଠାମାଡ଼ ଯୋଗୁଁ ମୁଁ ବଙ୍କା': ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ



**ଇନ୍ଦୁଭୂଷଣ ଭୂୟାଁ**



'ଦୁର୍ଗେଶନନ୍ଦିନୀ' ହେଉଛି ବାଙ୍ଗଲା ଭାଷାର ପ୍ରଥମ ଉପନ୍ୟାସ । ୧୮୬୫ ମସିହାରେ ଏହା ପ୍ରଥମେ ପ୍ରକାଶ ପାଇଥିଲେ। ଏହାର ରଚୟିତା ହେଉଛନ୍ତି କବି, ଲେଖକ, ସାମ୍ବାଦିକ ତଥା ପ୍ରଶାସନିକ ଅଧିକାରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ । ସେ ପ୍ରଥମେ ଇଂଲିସ୍ ଭାଷାରେ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ । ଇଂରେଜୀରେ ରଚିତ ତାଙ୍କର ପ୍ରଥମ ଉପନ୍ୟାସ ହେଉଛି 'ରାଜମୋହନ୍‌ସ ୱାଇଫ୍' । ପରେ ସେ ଇଂରେଜୀରେ ସାହିତ୍ୟ ଲେଖିବା ବନ୍ଦ କରିଦେଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦେଶପ୍ରେମରେ ଅନୁପ୍ରାଣୀତ କରିବା ନିମନ୍ତେ ସେ ବାଙ୍ଗଲା ଓ ସଂସ୍କୃତରେ 'ବନ୍ଦେ ମାତରଂ' କବିତା ରଚନା କରିଥିଲେ, ଯାହାକୁ ପରେ ଭାରତର ରାଷ୍ଟ୍ରୀୟ ଗୀତର ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା । ଉତ୍ତର ଚବିଶ ପ୍ରଗଣା ଅନ୍ତର୍ଗତ କନ୍ଥଳପରା ନାମକ ଗ୍ରାମରେ ୨୭ ଜୁନ୍ ୧୮୩୮ରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବଙ୍କିମ ଜନ୍ମ ହୋଇଥିଲେ । ତାଙ୍କ ପିତା ଥିଲେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ।


ବଙ୍କିମ ହୁଗଲୀ କଲେଜ ଓ ପ୍ରେସିଡେନ୍‌ସି କଲେଜରେ ଉଚ୍ଚ ଶିକ୍ଷା ଲାଭ କରି ବ୍ରିଟିଶ ସରକାରରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ଯୋଗଦେଇଥିଲେ । ବ୍ରିଟିଶ ସରକାରରେ ଚାକିରି କରିଥିଲେ ହେଁ ସେ ଥିଲେ ଦେଶପ୍ରେମୀ । ଚରିତ୍ରର ଏହି ଦିଗଟିର ପ୍ରଭାବ, ତାଙ୍କ ଲେଖାମାନଙ୍କରୁ ସ୍ପଷ୍ଟ ଅନୁଭବ କରିହୁଏ । ସେ ବ୍ରିଟିଶ ଶାସନ ବ୍ୟବସ୍ଥାର ସମାଲୋଚକ ଥିଲେ । ତାଙ୍କ ବ୍ୟଙ୍ଗ ବିଦ୍ରୁପ୍ ଭରା ସମାଲୋଚନାକୁ ବ୍ରିଟିଶମାନେ ବୁଝିପାରୁ ନଥିଲେ । ଥରେ ରାମକୃଷ୍ଣ ପରମହଂସ ତାଙ୍କୁ ପଚାରିଲେ 'କଣ ପାଇଁ ତୁମେ ବଙ୍କା ?' ବଙ୍କିମ ଉତ୍ତର ଦେଇଥିଲେ, 'ବ୍ରିଟିଶଙ୍କ ଗୋଇଠାମାଡ଼ ଯୋଗୁଁ ମୁଁ ବଙ୍କା ।' ଉଲ୍ଲେଖଯୋଗ୍ୟ ଯେ, ବଙ୍କିମର ଅର୍ଥ ଟିକିଏ ବଙ୍କା । ବ୍ରିଟିଶ ଶାସନ ସମୟରେ ତାଙ୍କ ଦେଶ କ୍ରାନ୍ତୀର ପୁସ୍ତକ ପାଇଁ ସେ ଗୋରା ଶାସକଙ୍କ ଚକ୍ଷୁଶୀଳ ହୋଇଥିଲେ ଏବଂ ଏଥି ନିମିତ୍ତ ସେ ସରକାରଙ୍କ ନାଲି ଆଖିର ଶିକାର ହେବା ସହ ନାନା ଅତ୍ୟାଚାର ମଧ ସହିଥିଲେ। ତାଙ୍କର ପ୍ରସିଦ୍ଧ କୃତିଗୁଡ଼ିକ ମଧରେ କପାଳକୁଣ୍ଡଳା, ବିଷବୃକ୍ଷ, ଆନନ୍ଦ ମଠ, ମୃଣାଳିନୀ, ଦେବୀ, ଚୌଧୁରିଆଣୀ, କୃଷ୍ଣକାନ୍ତେର ଉଇଲ୍, କମଳାକାନ୍ତ ଆଦି ଅନ୍ୟତମ । ଭାରତମାତାଙ୍କୁ ଉତ୍ସର୍ଗିତ 'ବନ୍ଦେ ମାତରଂ' ଗୀତଟି ଆନନ୍ଦ ମଠରେ ସ୍ଥାନିତ । ସୀତାରାମ ହେଉଛି ବଙ୍କିମଙ୍କର ଶେଷ ଉପନ୍ୟାସ । ୧୮୯୪ ଏପ୍ରିଲ ଆଜିର ଦିନରେ ମାତ୍ର ପଞ୍ଚାବନ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

# ସିପାହୀ ବିଦ୍ରୋହର ପ୍ରଥମ ସହୀଦ : ମଙ୍ଗଳ ପାଣ୍ଡେ



**ଡକ୍ଟର ସୁରେଶ କୁମାର ନାୟକ**



ପିଲାମାନେ, ଆଜିର ଦିନରେ ଆମ ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଦେଶପ୍ରେମୀ ତଥା ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ଯାହାଙ୍କୁ ବୁଝାଏ ସେହି କ୍ରାନ୍ତୀବର୍ଷି ମହାନ ଦେଶ ସେବକ ମଙ୍ଗଳ ପାଣ୍ଡେ ଆତ୍ମବଳୀ ପ୍ରଦାନ କରିଥିଲେ। ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ । ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରି ନପାରି, ବିଦ୍ରୋହୀ ହୋଇଉଠିଥିଲେ । ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ । ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ। ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା । ତତ୍‌କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଳ ଜନ୍ମ ହୋଇଥିଲେ। ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗଦେଇଥିଲେ । ଚଉତିରିଶ ବେଙ୍ଗଲ ନେଟିଭ୍ ଇନ୍‌ଫାଣ୍ଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ। ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା । ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜନୈକ ଲେଫ୍‌ଟନାଣ୍ଟ ବଗ ଓ ସର୍ଜେଣ୍ଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ । ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଳ ତରବାରିରେ ଆକ୍ରମଣ କରିଥିଲେ । ତେବେ ଦୁହେଁ ବର୍ତ୍ତି ଯାଇଥିଲେ । ମଙ୍ଗଳଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ। ୧୮୫୭ ଏପ୍ରିଲ ଆଜିର ଦିନରେ ବାରକପୁରରେ ମଙ୍ଗଳଙ୍କୁ ଫାଶୀ ଦିଆଯାଇଥିଲା । ତେର ଦିନ ପରେ ଈଶ୍ୱରୀଙ୍କୁ ମଧ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ମଙ୍ଗଳଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଳ ପାଣ୍ଡେ ମହା ଉଦ୍ୟାନ । ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ । ପିଲାଏ ଆଜିର ଦିନରେ ତୁମେ ମାନେ ଦେଶ ମାତୃକାର ସେବାରେ ଏବଂ ସମାଜ ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବନା ରଖିପାରିଲେ ଏହା ହେବ ଦେଶପ୍ରେମୀ ମଙ୍ଗଳ ପାଣ୍ଡେଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

# ଦୁର୍ନୀତି, ହିଂସା ଓ ଧ୍ୱଂସ ମୁଖରୁ ସୁରକ୍ଷାର ମାର୍ଗ



**ଡ଼ଃ. ଅରୁନ୍ଧତୀ ଦେବୀ**

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି । ମହାଶୂନ୍ୟରେ ବିଚରଣ କରୁଛି। ସୁନିତା ଉଇଲିଅମ୍‌ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି। ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି। କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ। ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ। କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା। କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ। ତ୍ୟାଗଭରା ସ୍ନେହମମତା ବି ନାହିଁ। ସର୍ବୋପରି ମାନବିକତା ବି ନାହିଁ। ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି। ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି।ଯେ କୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି। ନୃସଂଶ ଭାବେ ରକ୍ତର ହୋଲି ଖେଳୁଛି। ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ। ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛିଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି। ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ। ଶିକ୍ଷା ଉପହାସ କରୁଛି। ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃସଂଶ ହତ୍ୟାକାଣ୍ଡ ଘଟାଉଛି। ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକବି ଜଣଙ୍କ ଜୀବନ ନେଇ ପାରୁଛି। ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ।

ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି। ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି। ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି। ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜଲା। ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି। ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି। ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା। ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା। ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତ୍ରୁଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି। ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ। ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ। ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ। ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍‌ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ। ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା।

> ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି। ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି। ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## କବିତା କୋଣାର୍କ

### ଭାବାବେଗ
**ଆଦ୍ୟାଶା ମହାପାତ୍ର**

ନିରତେ କାନ୍ଦୁଛି ନୀରବେ ନିଃଶବ୍ଦେ
କଣ୍ଠ କୋହେ ଅବରୁଦ୍ଧ
ରିକ୍ତ ଏବେ ମୋର ସୁଖ ସଉରଭ
ହଜିଛି ଜୀବନ ଛନ୍ଦ ।

କହିବାକୁ ଚାହିଁ କହି ମୁଁ ପାରେନା
ମନ ଫେରେ ବାରମ୍ବାର
ଉତାରି ପାରେନା ଲେଖନୀ ମୁନରେ
ବୁକୁ ତଳ ହାହାକାର ।

ଦୁଃଖ ସବୁ ଯେତେ ବଖାଣି ପାରେନା
କାହା ଆଗେ ସ୍ୱତଃସ୍ଫୁର୍ତ୍ତ
କାଳେ କେ ରଖିବ ଆବେଗେ ତ୍ୱରିତ
ହୀନିମାନ ଆଭିମୁଖ୍ୟ ।

କାହିଁକି କେଜାଣି ସନ୍ତକ ରୂପରେ
ସାଇତେ ଟୋପାଏ ଲୁହ
ଭାବେ କେହି କାଳେ ପୋଛିବ କଳୁଷ
ଜଗାଇବ ପ୍ରାଣେ ମୋହ ।

ଜାଣେନା କିଏ ସେ କାହା ପାଇଁ ଆଜି
ତଥାପି ମୁଁ ପ୍ରତୀକ୍ଷିତ
ତୁଟିଲେ ମୋ ନିଦ ଭାଙ୍ଗେ ସିନା ସ୍ୱପ୍ନ
ସ୍ମୃତିରେ ସେ ତଥାଗତ ।

ଅବକ୍ଷୟ ସାଥେ ବନ୍ଧା ସିନା ଏବେ
ତୁଟିନି ଅଭୀପ୍ସା ମୋର
ସଂପର୍କ ରଖିଛି ତଥାପି ଅତୁଟ
ଭାବି ନାହିଁ କା'ରେ ପର ।

ସଂଯମତା ମୋର ପରଖୁଛି ସେଇ
ଯାହାକୁ ଭରସା କରେ
ସମୟ ବାହୁଛି ତା' ପଦାରବିନ୍ଦେ
ଧ୍ୟାନ ରଖି ନିରନ୍ତରେ ।

+ନୂଆପଡା, କଟକ
ମୋ: ୯୪୩୮୨୭୫୫୪୨

### ମହାନଦୀ ଆଉ ନୁହେଁ ସୁନାବ୍ୟା
**ଧ୍ରୁବ ଚରଣ ଘିବେଲା**

ମହାନଦୀ ଧାର ଆଜି ଧିର ସ୍ଥିର
ରହିନାହିଁ ଚଳଚଞ୍ଚଳ
ଆଗ ଭଳି ଆଉ ବହୁ ନାହିଁ ସୁଅ
କ୍ଷୀଣରୁ ସେ କ୍ଷୀଣତର ।

ଖରାଦିନରେ ତ ପୂରା ଶୁଖିଯାଏ
ଠାଏ ଠାଏ ଥାଏ ପାଣି
ନଈକୂଳବାସୀ ଦୁଃଖୀ ରହି ବେଶି
ନେଇଥାନ୍ତି ପାଣି ଛାଣି ।

ନଈ ପେଟ ପିଠି ଫରକ ନଥାଏ
ଦେଖାଇକି ରହେ ଛାତି
ବାଲୁକାଶେଯରେ ଶୋଇ ମହାନଦୀ
ଭାଳି ହୁଏ ଦିନ ରାତି ।

ମହାନଦୀ ଆଜି ହୋଇଛି ଶ୍ରୀହୀନା
ବୟାଅଶୀ ବନ୍ୟା ପାଇଁ
ନଦୀ ଗରଭକୁ ପକାଇଲା ପୋତି
ବାଲିର ଶେଯ ବିଛାଇ ।

ବୟାଅଶୀ ଆଗୁ ଖରାଦିନେ ମଧ
ନଈକୂଳେ ଥିଲା ପାଣି
ଡଙ୍ଗାପଟୁଆରେ ଲୋକେଆସୁଥିଲେ
ପଟୁଆକୁ ବାହି ଆଣି ।

ଉପକୂଳ ଦ୍ରବ୍ୟ ନେଇ ଆସୁଥିଲେ
ପଶ୍ଚିମେ ବେପାର ପାଇଁ
ଏ ପାଖୁ ଜିନିଷ ବୋହି ନେଉଥିଲେ
ସେପାଖରେ ବିକ୍ରି ପାଇଁ ।

ମହାନଦୀ ଥିଲା ସୁନାବ୍ୟା ବୋଲିକି
ଚାଲୁଥିଲା ବଡ଼ ଡଙ୍ଗା
ମହାନଦୀ ଆଜି ପଡୁଛି ଶୁଖିଲା
ଚାଲୁନାହିଁ ଜମା ଡଙ୍ଗା ।

ଅତୀତଦିନର ସେ ବେପାର ନାଇଁ
ଉପକୂଳ ସହ ଆଉ
ନଈ ତ ଶୁଖିଲା ନାହିଁ ଜଳଧାର
ଡଙ୍ଗା ବି ଚାଲୁନି ଆଉ ।

ଆଉକେବେହେବ ସୁନାବ୍ୟା କେଜାଣି
ଚାଲିବ ସୁଅର ଧାର
ମହାନଦୀ ବହି ସୁନାବ୍ୟା ରହିଲେ
ଡଙ୍ଗାରେ ହେବ ବେପାର।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### ଆସୁଛି ନୂତନ ଓଡ଼ିଆ ବର୍ଷ
**ନିରଞ୍ଜନ ସାହୁ**

ଏହାରି ଭିତରେ ଓଡ଼ିଆ ବର୍ଷଟି
ଶେଷ ହୋଇଯିବ ଏବେ
ନୂତନ ଓଡ଼ିଆ ବର୍ଷ ଆସିଯିବ
ମନେଅଛିନା ତା କେବେ ?

ଚାହୁଁଚାହୁଁ ଆସି ବର୍ଷ ସରିଗଲା
ଚଇତ ଆଉ ବା କେତେ
ପଣା ସଙ୍କରାନ୍ତି ପହଞ୍ଚିବ ଆସି
କହିବାର ନାହିଁ ଏତେ
ଓଡ଼ିଆମାନଙ୍କ ନବବର୍ଷ ଏହା
ଏଥିପ୍ରତି ଧ୍ୟାନ ଦେବେ ।

ବିଷୁବ ରେଖାରେ ସୂର୍ଯ୍ୟ ଅବସ୍ଥାନ
ମେଷ ସଂକ୍ରାନ୍ତି ଏ ଅଟେ
ଓଡ଼ିଆ ଜାତିର ନବବର୍ଷ ବୋଲି
ଖୁସିରେ ସମୟ କଟେ
ଏହିଦିନ ଠାରୁ ପଞ୍ଜିକା ଚଳଇ
ଏହି କଥା ବୁଝି ନେବେ ।


ଗ୍ରୀଷ୍ମ ଋତୁ ପରା ଏହି ଦିନ ଠାରୁ
ଆରମ୍ଭ ହୁଅଇ ଜାଣ
ଚଉଁରା ଉପରେ ଛାମୁଣ୍ଡିଆ ହେବ
ଜାମୁ ଡାଳ କାଟି ଆଣ
ବସୁନ୍ଧରା ଘଡି ଟାଙ୍ଗିଦିଅ ପୁଣି
ଜଳ ତ ଝରିବ ତେବେ ।

ଦିଅଁ ଦେବତାଙ୍କୁ ଭୋଗ ବାଢିଦିଅ
ମଙ୍ଗଳ ମନାସି ଥାଅ
ପଣା ପିଉଥାଅ ଭାଗବଣ୍ଟା କରି
ଛତୁଆ କରିକି ଖାଅ
ଜଳଛତ୍ର ସ୍ଥାନେସ୍ଥାନେ ଖୋଲିଦିଅ
ଧର୍ମ କର ତୁମେ ଯେବେ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ବୋଉ ଓ ଚୈତ୍ର ମଙ୍ଗଳବାର..

### ଲତିକା ମହାପାତ୍ର



ବଡ଼ ନିଷ୍ଠାରେ ବୋଉ ମୋର
ପାଳୁଥିଲା ଚୈତ୍ର ମଙ୍ଗଳବାର
ମାଟିରେ ପନ୍ତି ଗଢି ଦେଇ ସିନ୍ଦୂର ଶଙ୍ଖା କଉଡ଼ି
ଜାଳୁଥିଲା ଘିଅ ଦୀପ
ଭକତିରେ ଦେଉଥିଲା ଝୁଣା ଧୂପ
କରୁଥିଲା କର୍ପୁର ଆଳତି
ମଠା ଶାଢ଼ୀ ମୁଣ୍ଡରେ ଓଢଣା ଦେଇ ବୋଉ ମୋର..

ଗୋରା ତକ ତକ ମୁହଁ ଦିଶୁଥିଲା ନାଲି
ଲାଲ ଟହ ଟହ ମନ୍ଦାର ଫୁଲ ବାଇଗଣୀ ଅପରାଜିତା ଶ୍ୱେତ ଶୁଭ୍ର
ଟଗର ଫୁଲର ମାଳ, ପୁଣି ମହ ବାସୁଥିବା ସୁଗନ୍ଧରାଜ, ଗୋଲାପୀ
ଓ ହଳଦୀ କାଠ ଚମ୍ପା..
ଫୁଲଙ୍କ ସମ୍ଭାରରେ ସଜେଇ ସୁନ୍ଦର ଦିଶୁଥିଲେ ପନ୍ତି
ବୋଉ ମୋର ଉପବାସେ ଭକତିରେ କାନି ଗୁଡେଇ ବେକରେ
କରୁଥିଲା ମଥାନତ ପ୍ରଣିପାତ
ତା କଣ୍ଠର ହୁଳହୁଳି, ଆଳତି ର ଘଣ୍ଟିରେ
ଆମେ ସବୁ ଭକ୍ତି ଭାବ ଗଦଗଦ...

ନନାଙ୍କ ବଦଳି ସାଥିରେ ବଦଳୁଥିଲା ସହର ଓ ଘର
ଆମେ ସବୁ ହେଉଥିଲୁ ସାନରୁ ବଡ଼
ବଦଳୁଥିଲେ ପଡୋଶୀ
ଆଦବ କାଇଦା ସମୟ ସାଥିରେ
ସମସ୍ତେ ବଦଳୁ ଥିଲେ
ଖାଲି ଯାହା ବଦଳୁନଥିଲା ବୋଉ
ସେଇ ଚୈତ୍ର ମଙ୍ଗଳବାର ଓଷା
କଷି ଆମ୍ବ, କଦଳୀ, ଗୋଲ ମରିଚ ଗୁଣ୍ଡ ଦିଆ କ୍ଷୀର ପଣା
ଆଉ ତାର ସ୍ୱାଦ, ବୋଉ ହାତ ତିଆରି
ଆଜି ବି କଣ ହୋଇଛି ପାଶୋରି ?
ସେଇ ଖେଚୁଡ଼ି, ଆମ୍ବ ଖଟା, ଜହ୍ନି ଆଳୁ
ବଡି ବେସରର ଭୋଗ
ଆଉ ବା କେ ଶରଧାରେ ଥୋଇବ ସଜାଡି
ଉପାସରେ ନିଷ୍ଠାରେ
ସେଇ ମଙ୍ଗଳା ମା ବାହୁଡେଇ ନେଲେ ମୋ ବୋଉକୁ
ଛଳନା କୂଟ କପଟର ଏ ପୃଥିବୀରୁ
ଆଜିକୁ ଚବିଶ ବର୍ଷ ତଳୁ
ମାଆ ଛେଉଣ୍ଡ କରି ମୋତେ..

+ତାଳଚେର

## ସ୍ମୃତି ତୁମେ...

### ରାମଚନ୍ଦ୍ର ବେହେରା



ସ୍ମୃତି ତୁମେ କେବେ ଗହନ ବନର
ନିଛାଟିଆ ପାଦ ସ୍ୱର
କେବେ ପୁଣି ତୁମେ ସାଗର ବେଳାର
ନୀଳ ଲହରୀର ଧାର ।
କେବେ ତୁମେ ପିଲାଦିନ
ଗାଆଁ ଚାହାଳିର ପଣକିଆ ଡାକ
ବର୍ଣ୍ଣବୋଧ ସ୍ୱର ବର୍ଣ୍ଣ।

ସ୍ମୃତି ତୁମେ କେବେ ଫଟା ହୃଦୟର
ଅତୀତର ମୂକ ସାକ୍ଷୀ
କେବେ ସାଜ ତୁମେ ଜଟିଳ ଗଣିତ
କେବେ ପୁଣି ରାଗ ଚୋଖି
କେବେ ସାଜ ଆପଣାର
ଧୋକା ଦେଇ କେବେ ଛୁପିଯାଅ ଦୂରେ
ଭରିଦେଇ ଅଶ୍ରୁଧାର।

ସ୍ମୃତି କେବେ ତୁମେ ନିର୍ଦ୍ଦୟୀ ଜୈଷ୍ଠର
ବୁକୁ ଫଟା ଆର୍ତ୍ତନାଦ
କେବେ ପୁଣି ତୁମେ ଆଦ୍ୟ ଆଷାଢର
ମାଟିର ନିଆରା ଗନ୍ଧ
କେବେ କର ମନ ତୋଷ
କେବେ ପୁଣି ସାଜ ପ୍ରାପ୍ତି ଅପ୍ରାପ୍ତିର
ଅସରନ୍ତି ଭୋକ ଶୋଷ।

ସ୍ମୃତି ତୁମେ କେବେ ଗଂଗ ଶିଉଳିର
ବାସଝରା ଅଭିମାନ
କେବେ ପୁଣି ତୁମେ ନୀଳ ଗଗନର
କୁଆଁର ପୁନେଇଁ ଜହ୍ନ
କେବେ ଗାଆଁ ନଈକୂଳ
କେବେ ସାଜ ତୁମେ ମନ ବଗିଚାର
ଛାଇ ଆଲୁଅର ଖେଳ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ 'ଶ୍ରୀରାଧା'... ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରଟିଏ କରି ବୁହାଇଆଣେ ଊଷର ଛାତିକୁ, ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ... ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି, ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' ...



## ଶ୍ରୀରାଧାଙ୍କ ବିରହ ସ୍ୱର (୩)

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ପାଞ୍ଚ ମନ ମୋର ହେଇଚି ଗୋଟିଏ
କୃଷ୍ଣମୟ ମୋ ନୟନ
ବସ୍ତୁ ଅବସ୍ତୁରେ ବୁଦ୍ଧି ଓ ବୃତ୍ତିରେ
ସବୁଥିରେ ତୁମ ଚିହ୍ନ।
ଶୋଇବା ମୁଁ ଜାଣେ ନାହିଁ...
ଆଖି ମୁଦିଦେଲେ ପଲକ ଖୋଲିଲେ
ତୁମ ମୁହଁ ଦିଶୁଥାଇ ।
ମନମୋହନ ହେ ପ୍ରିୟ..!
ଅଶ୍ରୁ ବିନ୍ଦୁରେ ବି ଦେଖେ ତୁମ ରୂପ
ହେଇ ପାରୁନି ମୁଁ ଥୟ..। ୯ ।..

ଚାହୁଁଥାଏ ତୁମ ପଦ୍ମନୟନକୁ
ହୃଦେ ଅନୁରାଗ ଭରି
ପଦ୍ମ ପ୍ରସୂନର ବାସ୍ନା ଝରୁଥାଏ
ଶ୍ରୀଅଙ୍ଗୁ, ବିହ୍ୱଳ କରି।
ସତ ପଦ୍ମଫୁଲ ହେଲ...
ପଙ୍କ ଲାଗିଲାନି ପାଣି ଲାଗିଲାନି
ସବୁ ସ୍ମୃତି ଭୁଲିଗଲ...।
ଏକ ଅଙ୍ଗ ବେନି ଫାଳ...
ଆମେ ଥିଲେ ପରା ରାହାସ କୁଞ୍ଜରେ
ନିରାସକ୍ତି ପୁଣ୍ୟ ଫଳ ? ..। ୧୦ ।..

ଅକ୍ରୂର ସହିତେ ମଥୁରାକୁ ଗଲ
ଦେଖା ଟିକେ ଦେଲ ନାହିଁ
ଦେଖିଥିଲେ ଅବା ଅଶ୍ରୁ ଝାରିଥାନ୍ତି
ଶ୍ରୀପାଦ ଧୋଇବା ପାଇଁ ।
ତୁମେ ସିନା ଚାଲିଗଲ...
ତୁମ ସାଥେ ମୋର ମନ ନେଇଗଲ
ଦେହଟାକୁ ଛାଡ଼ିଦେଲ ।
ଜୀବନଟା ଅଛି ବୋଲି...
ଜିଇଥାଇ ଏଇ ମିଳନ-ଯଜ୍ଞର
ପିରତି-ଆହୁତି ହେଲି..। ୧୧ ।..

ଧର୍ମର ରକ୍ଷକ ପାପ ବିନାଶକ
ଶାନ୍ତି ସ୍ଥାପନରେ ପ୍ରିୟ
ଏହା ବୋଲି କ'ଣ ପ୍ରିୟାକୁ ଭୁଲିବ
ଛାଡ଼ି ସବୁ ମାୟା ମୋହ ?
ମୟୁର ବି ନାଚୁନାହିଁ....
ତୁମ ମେଘରୂପ ଦିଶୁନି ବୋଲି ତ
ମରିଚି ମରମେ ସେହି ।
ହସେନି କଦମ୍ବ ଶାଖା...
ଶତ କଦମ୍ବର ରୋମାଞ୍ଚ ହଜିଚି
ହରାଇଛି ସଖା, ଶାଖା ..। ୧୨ ।..

(ଆର ଥରକୁ)

+ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଳାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧

## ଚାଲ ଆମେ ହଜିଯିବା

### ଡ଼ ସୀତାକାନ୍ତ ତ୍ରିପାଠୀ

ଆଉ କେହି ଆମକୁ ହଜେଇ ଦେବା
ଆଗରୁ ଚାଲ ଆମେ ହଜିଯିବା,
କାରଣ' ହଜେଇ ଦେବାରେ ଯଦି ଦୁଃଖ
ନାହିଁ ହଜିବାର ଆନନ୍ଦକୁ କାହିଁକି ହାତ
ଛଡ଼ା କରିବା !

କାହାର ବୋଝ ହୋଇ ବଞ୍ଚିବା ଅପେକ୍ଷା
ନିଜ ବୋଝ ନିଜେ
ବୋହି ନେବା ବରଂ ଭଲ,
ବୋଝ ର ଓଜନରେ ନଇଁ ଯାଉଥିବା
ଅଣ୍ଟାକୁ ସଳଖିବାରେ ବରଂ ତୃପ୍ତି ଅନ୍ୟଥା
ମନ ହେବ କଲବଲ ।

ମରୀଚିକା ରେ ନିଜକୁ ହଜେଇ
ଦେଇଥିବା ମଣିଷକୁ ସବୁଠି ଲାଗେ
ପାଣିର ଅବସ୍ଥିତି,
କିଛି ନ'ଜାଣି ନ'ଶୁଣି ମରୁବାଲି ସହିତ
ବନ୍ଧୁ ବାନ୍ଧିଲେ ଏହାହିଁ
ହୁଏ ତାର କରୁଣ ପରିଣତି।

ପଶ୍ଚିମରେ ସୂର୍ଯ୍ୟ ହଜି ଯିବା ଆଉ
ଅମାବାସ୍ୟାରେ ଚନ୍ଦ୍ର ହଜିବାରେ ପୁଣି
ଥାଏ ମିଳିବାର ପ୍ରତିଶ୍ରୁତି,
ମାୟାର ସଂସାର ଆଉ ଉଜୁଡ଼ା ସମ୍ପର୍କରେ
ହଜିବାରେ ଯେଉଁ ଆନନ୍ଦ ଭୁଲିଯାଇ
ଖୋଜିବାର ବା ଖୋଜିହେବାର ସବୁ
ପ୍ରତିଶ୍ରୁତି।

+ଅର୍ଣ୍ଣପାଳ, ଭଦ୍ରକ

## ବସନ୍ତ ହଜିଛି

### ସୁଷମା ପରିଜା



ବସନ୍ତ ହଜିଛି ଆଜି ଏ ଧରା ପୃଷ୍ଠରୁ
କାହିଁ କେଉଁଠି ବି ଦେଖା ନାହିଁ ତା'ର
ଯେଉଁ ଆଡେ ଚାହିଁ ଦେଖିଲେ ଖାଲି
ଦିଶୁଛି ସନ୍ତାପ ଆଉ ଶୁଭେ ହାହାକାର ।

କୃଷ୍ଣଚୂଡ଼ା, ପଳାଶ ଉଭୟେ ଆଜ ବିବର୍ଣ୍ଣ
ଜାତୀୟ ରାଜପଥ ପରା ତିଆରି ଚାଲିଛି
ଅଦିନିଆ ବର୍ଷା ଓ କୁହୁଡ଼ିର କ୍ରୋଧରେ
ଆମ୍ବ ଡାଳରୁ ବଉଳ ଉଭାନ୍ ହୋଇଛି ।

କନିଅର ମନ୍ଦାର ଗଛ ଥୁଣ୍ଟା, ଆନମନା
କୋଇଲି ଭୁଲିଛି କୁହୁ ଅଜଣା ରୋଗରେ
କୁମ୍ଭାଟୁଆ ତ ଘଡଘଡି ଡରେ ବାଟବଣା
ସୂର୍ଯ୍ୟମୁଖୀ ଉଜୁଡିଛି ବାଆ ବତାସରେ।

ଜାଗର ମେଳାରେ ଚାଲେ ଡି ଜେ ନାଚ
ଦୋଳଯାତ୍ରା ଫିକା ଆଜି ଗାଁ ଦୁଇ ଫାଙ୍କ
ମେଳନ କେମିତି ହେବ ମନ ତ ଅସ୍ୱଚ୍ଛ
ବନ୍ଧୁ ପ୍ରୀତି ନାହିଁ ଅଛି ମନେ ହଳାହଳ।

ସବୁଠି ଚାଲେ ଖାଲି ରାଜନୀତି ଚର୍ଚ୍ଚା
କାହିଁ ଟଙ୍କାର ତ' କାହିଁ ଜାତିଆଣ କଳି
ଚାରିଆଡେ ପୋଡାଜଳା ପଶାପାଲି ବିଛା
ଭ୍ରଷ୍ଟାଚାରେ ଝରିପଡେ ନିତି କେତେ କଳି ।

ଆଜି ଜଳ ବିଷ,ସ୍ଥଳ ବିଷ, ବିଷ ନଦନଦୀ
ନିଃଶ୍ୱାସରେ ନିଅ ବିଷ ବିଶ୍ୱାସରେ ଦିଅ ବିଷ
ଜଙ୍ଗଲ ପଦା, ଦରିଆ ବିଷାକ୍ତ, କ୍ଷେପଣାସ୍ତ୍ର ବିନ୍ଧି
ବସନ୍ତ ରୁଷିଛି ସତେ, ଲିଭି ଯାଇଛି ତା' ହସ ।

+ଶାରଳା ଭବନ, ପୋତାପୋଖରୀ, କଟକ-୪

## ମୋତେ ଭୁଲ୍ ବୁଝନି

### ଭାଗୀରଥି ସାଗର



ବିଶ୍ୱାସ କର
ତମକୁ ମୁଁ କହିନି କିଛି
ମିଛରେ ମୋତେ
ଭୁଲ୍ ବୁଝୁଛ। ଯାହାକୁ ନେଇ
ମୋ ଡାଇରୀ ପୃଷ୍ଠାରେ ନିତି
ଶୟନ ପୂର୍ବରୁ କୃତଜ୍ଞତା ଲେଖେ।
ୟୁନିଭର୍ସ,ପିତାମାତା,
ଜଳବାୟୁ, ଗଛଲତା, ପାହାଡ
ଝରଣା, ଗଛଲତା
ସହ ସମକକ୍ଷ କରି ବାଢ଼ି ଦେଉଥିଲି
ମୋ ଅନ୍ତରର ଭକ୍ତି ଅର୍ଦ୍ଧ୍ୟ।ତାକୁ
କେମିତି କହିବି ମୋ ହିତାକାଂକ୍ଷି ନୁହଁ
ବୋଲି ?କାହା କୁମନ୍ତ୍ରଣାରେ ବଶୀଭୂତ ହେଇ
ମୋତେ ତମେ ଭୂଲ୍ ବୁଝନି, ପ୍ଲିଜ୍।

ତମ କଟାକ୍ଷ କଥାରେ ମୁଁ ପୁରା ଭାଙ୍ଗି
ପଡ଼ିଥିଲି, ତମେ ଯାହା କହିଲ ରୋକ୍‌ଠୋକ୍
ତାହା କଣ ଥିଲା କି ଠିକ୍ ?
ତମ ବିବେକ ଟିକିଏ
ବାଧା ଦେଲାନି,
ଏ କଥା ଜଣକୁ କଟୁ ଲାଗିବ
ବୋଲି, ଚାହିଁଥିଲେ କହି ପାରିଥାନ୍ତ
ନିରୋଳାରେ, କିନ୍ତୁ ...

ଏବେ ବି ତମ ପ୍ରତି ଅଛି ମୋ ଭକ୍ତି
ଏବେବି ତମକୁ ଦେଖି ମୁଁ ହୁଏ ତୃପ୍ତି
ଏ ଶ୍ରେଷ୍ଠ ମନ୍ଦିରେ ମୁଁ ଲଭେ ଶାନ୍ତି
ମିଳେ ଏଠି ଦୈବ ଶକ୍ତି,ମୋ ସମୃଦ୍ଧିର
ରାମମନ୍ଦିର ତ ଏ ଇଲାକା।

ଏହାରି ବିପକ୍ଷରେ
ଯିଏ କିଛି କୁହେ ତେତେ ସତେ କି ସିଏ
ମୋ ଦେହେ ଫୋଡ଼ି ଦେଉଛି ମୁନିଆ
କଣ୍ଟା। ଦେଖ !
ଟିକିଏ ସ୍ଥିର ଚିତ୍ତେ ଭାବ।
ଭୁଲ୍ ବୁଝନି ମୋତେ।

+ ଡାଳଗୁମା, କୋକସରା, କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯



## ବିଚରା ହୃଦୟ

### ବର୍ଷାରାଣୀ ମହାମଲ୍ଲିକ

ଏକାନ୍ତରେ ଢାଳୁଥାଏ ଅବାରିତ କୋହ,
କେହି ଦେଇଛି ସମବେଦନା ତାକୁ ?
ସେ ତ ନିସ୍ୱ, ଅସହାୟ
ଲାଞ୍ଛିତ, ପତିତ.. ହାୟ !

କେତେ ଏକାକୀ ସେ
ଭାରି ନିରୀହ, ନିରିମାଖି,
ତଥାପି ତାକୁ ଆଘାତ ଲାଗେ
କଣ୍ଟା କୁ ହାତୁଡ଼ି ରେ ପିଟା ଯାଇ
ଯେପରି କାନ୍ଥ ରେ ଲଗାଯାଏ,
କେତେ କଷ୍ଟ, ଯାତନା ଆଉ ଯନ୍ତ୍ରଣା
ତାକୁ କଣ କଷ୍ଟ ହୁଏନି
ତାର କଅଣ ଦୋଷ ଯେ !

ଦୋଷ ତ ମଣିଷର, ତାର ମାନସିକତାର
ହେଲେ ତା ଉପରେ କାହିଁକି ଲଦି
ଦିଆଯାଏ
ସେ ଦଳି ହୋଇଯାଏ,
ଆଖିରୁ ଲୁହ ଝରିବା ଆଗରୁ
ତା ଠାରୁ ନିଗିଡ଼ି ଯାଏ କୋହ
ହୁତ୍ ହୁତ୍ ହୋଇ ଜଳେ ତାର
ପ୍ରତିଟି ଅଂଶର ବିନ୍ଦୁ
ତଥାପି, ଟିକେ ସ୍ୱାନ୍ତନା ପାଇଁ
ଖୋଜିବୁଲେ ଆଶ୍ରୟ, ବିଚରା ହୃଦୟ...

+ବରଗଡ଼
(ମୋ) :-୮୨୬୦୬୫୯୩୩୨



## ଏ ମନ ଖୋଜୁଛି ତୋତେ

### ପ୍ରଶାନ୍ତ କୁମାର ନାଥ

ହୃଦୟେ ମୋହର ଘରଟେ ତୋଳିଛି
ରଖିଛି ସଜେଇ ତୋତେ
ତୁ ରହିଥିଲେ ପାଖରେ ମୋହର
ଭାରି ଭଲ ଲାଗେ ମୋତେ ।

ଆଖିରୁ ମୋହର ଦୂରେଇ ଗଲେ ତୁ
ଏ ଆଖି ଖୋଜୁଛି ତୋତେ
ଦିନଟିଏ ପ୍ରିୟା କଥା ତୁ ନହେଲେ
ଲୁଚି ମୁଁ କାନ୍ଦଇ କେତେ ।

କେମିତି କହିବି ଜୀବନରେ ମୋର
କେତେ ଭଲପାଏ ତୋତେ
ଛାତି ଚିରି ଯଦି ହୁଅନ୍ତା ଦେଖେଇ
ଦେଖନ୍ତୁ ସେଇଠି ତୋତେ ।

+ନଂ-୧୦,ଫାଷ୍ଟ୍ ଫ୍ଲୋର, ଫାଷ୍ଟ୍ ବି କ୍ରସ୍, ଏସ୍.ଜ.ଏନ୍ ଲେଆଉଟ୍,କସ୍‌ମିକ୍ ଏୟାସୀ,
ବାଙ୍ଗାଲୋର-୫୬୦୦୨୭



## ନିଶବ୍ଦ

### କମଳ ଲୋଚନ ପଣ୍ଡା



ଭାବନାର ଅର୍ଥକୁ ବୁଝେଇ ଦିଏ ଶବ୍ଦ ସିନା,
ନିଶବ୍ଦତାର ପରିଭାଷା କେବେ ବୁଝିହୁଏନା

ଅନେକ କଥା ଅନେକ ଭାବନାର ସ୍ୱର ମନରେ ଲହଡ଼ି ଖେଳେ,
ହେଲେ ଶବ୍ଦର କୂଳକୁ କେବେ ଛୁଇଁ ପାରେନା

ମୋ ଶବ୍ଦ ଯେବେ କରେ ନିଶବ୍ଦ ତୁମକୁ
ନିଶବ୍ଦ ଭିତରେ ଅନେକ କଥା ମୁଁ ଖୋଜି ପାଏନା

ଯେବେ ମୋ କଲମର କାଳି ଶବ୍ଦକୁ ହଜେଇ ଦିଏ,
ନିଶବ୍ଦ ରେ କେବେ ମୁଁ କବିତାଟିଏ ଲେଖିଦିଏ ଜାଣିପାରେନା ।

+ ନୀଳଗିରି, ବାଲେଶ୍ୱର
ମୋ: ୭୩୨୭୦୨୮୯୭୮

## ନିଜକୁ ନିଜଠୁ

### ଝରଣା ଦାସ



ଆଜିକାଲି ଭାରି ଭୟ ଲାଗେ
ସାପର ତୀକ୍ଷ୍ଣତା ଭରିଥିବା
ଋହିଁଦେଲେ, ଗୋଲ ଗୋଲ ତୋର ସେଇ
ଚକା ଚକା ଦୁଇ ଆଖିକୁ ।

ସାପର ଫୁର୍ତ୍ତିରେ ଆସି
ଖଣ୍ଡେ ଦୂରରୁ ଜିମ ବଢ଼େଇ
ଋଟିନେଲୁ ତ
ମୋ ଛୋଟ ସଂସାରର ସୁଖଯାକ ।
ସାଜି ସାରିଛି ମୋର ବେଲଗାମ୍ ବାଦାଶାହୀ
ଇଚ୍ଛାମାନଙ୍କଠୁ, ଇସ୍ତଫା ଆଣି ସେବେଠୁ ମୁଁ
'ମଲାନଈ'...

ରସନେନ୍ଦ୍ରିୟରୁ ତୋ' ବୋହି ପଡୁଥିବା
ଲାଳରେ
ମୋ ବିଶ୍ୱାସର ମାଟିକାନ୍ଥ
ଧୋଇ ହେଇ ଗଲା ଯେବେଠୁ,
ଲୋଡ଼ିନି ମୁଁ ଆଉ ତୋତେ ସେଇଦିନୁ ।
ସାଜିଯାଇ କର୍ଣ୍ଣ
ସ୍ୱପ୍ନ ନିବୃତ୍ତ କରାଇ ଆଖିକୁ
ଜୀବନରେ ପ୍ରାଧାନ୍ୟ ଦେଇଛି କର୍ମକୁ ।

ସମାଜ ସଂସାର ଏବଂ
ଦୂରେଇ ରଖି ନିଜକୁ ନିଜଠୁ,
ଶତପ୍ରତିଶତ ଏଡ଼ିଯାଇଛି ସବୁକୁ
ଅପହଞ୍ଚ ମୋ ଇଚ୍ଛାମାନେ
ଇଚ୍ଛାଧାରୀ ନାଗୁଣୀ ସାଜି
ମୋତେ ଦଂଶିବେ କାଳେ !

+କଲ୍ୟାଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର -୭୫୬୦୦୧
ମୋ : ୮୩୪୨୮୫୬୦୦୧

## କାହାପାଇଁ ସଖା...

### ଲକ୍ଷ୍ମୀପ୍ରିୟା ପୃଷ୍ଟି



କମ୍ପିତ ଓଠେ କାହାପାଇଁ ସଖା
ନୟନର ନୀର ଜାଳିବ ଦୀପ
କାହାପାଇଁ ଆଉ ସଜଳ ସକାଳ
ସଜାଡ଼ି ବସିବ ଅର୍ଘ୍ୟ ଧୂପ ।

ହଜିଛି ନୀଳିମା ମନ ଆକାଶରୁ
ମାନ ଅଭିମାନେ କି ଲାଭ ଆଉ
ଜୀବନ ଗୀତିରେ ଶେଷ ପାଦଟିକା
ବାକି ଅଛି ଯାହା ସେମିତି ଥାଉ ।

ପ୍ରାଣ ପ୍ରାଙ୍ଗଣେ ପରାଗର ପୃଷ୍ଠ
ଆଉ କି ଦିଶିବ ସୂରୁଜ ରୂପ
କମ୍ପିତ ଓଠେ କାହାପାଇଁ ସଖା
ନୟନର ନୀର ଜାଳିବ ଦୀପ ?

ସବୁଜ କାନନ ମରୁଭୂମି ଆହା
ତୁଚ୍ଛା ମୃଗତୃଷ୍ଣା ରହିଛି ବେଢ଼ି
ଶୁଷ୍କ କରି ତା କମନୀୟ ଶିରୀ
ସତେକି ପଥିକ ଯାଇଛି ହୁଡ଼ି ।

ଶୂନ୍ୟ ଦେଉଳ ଧୂଆଁଳିଆ ଲାଗେ
ଅର୍ଥ ହୀନ ଆଜି ପୁଣ୍ୟର ତପ
କମ୍ପିତ ଓଠେ କାହାପାଇଁ ସଖା
ନୟନର ନୀର ଜାଳିବ ଦୀପ ?

+ଦଶରଥପୁର, ଯାଜପୁର, ୭୫୫୦୦୬
(ମୋ) ୭୩୭୭୩୧୮୭୮୯

# ଦୁଇ ଅନାଥ ଶିଶୁଙ୍କ ଦୁଃଖରେ ଦୁଃଖୀ ହେଲେ ଶମ୍ଭୁନାଥ

ଘଟଗାଁ,୦୭/୪ (ନି.ପ୍ର): ସମୟ ସମୟରେ ବେଢ଼ି ଉପରେ କୋରୋଡା ପଡିଲା ଭଳି ଦଣ୍ଡ ଭଗବାନ ଦେଇଥାନ୍ତି । ସେହିଭଳି ଏକ ଅଭାବନୀୟ ଦୃଶ୍ୟ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଂଚାୟତ କଲାବିଲା ଗ୍ରାମ ମୁଣ୍ଡାସାହିରେ ଘଟିଯାଇଛି । ଏକ ଜନଜାତି ମୁଣ୍ଡା ପରିବାରର ସ୍ତ୍ରୀ ରଶ୍ମିତା ମୁଣ୍ଡା ଗତ ଆଠ ମାସ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ଏକ ସପ୍ତାହ ପୂର୍ବରୁ ତାଙ୍କ ସ୍ୱାମୀ ରମେଶ ମୁଣ୍ଡାଙ୍କର ମୃତ୍ୟୁ ହୋଇଯାଇଛି । ସେହି ମୃତକ ପିତାମାତାଙ୍କ ଠାରୁ ଜନ୍ମ ହୋଇଥିବା ୧୦ ବର୍ଷର ଶିଶୁ ପୁତ୍ର ସଞ୍ଜୟ ମୁଣ୍ଡା ଓ ୪ ବର୍ଷର ଶିଶୁ କନ୍ୟା ଶୁଭଲକ୍ଷ୍ମୀ ମୁଣ୍ଡା ବେସାହାରା ହୋଇପଡିଛନ୍ତି । ନା ସେମାନେ ବାପା ମାଙ୍କୁ ଭୁଲି ପାରୁଛନ୍ତି କିମ୍ବା ସମାଜରେ ଠିଆ ହେବାଭଳି କ୍ଷମତା ଅଛି । ଦିନକୁ ଦୁଇ ଓଳା ଖାଇବାକୁ ପାଉନଥିବା ବଡ଼ ବାପାଙ୍କ ପାଖରେ ଆଶ୍ରୟ ନେଇଛନ୍ତି ସେହି ଦୁଇ ଶିଶୁ । ଖବର ପାଇ ଶାଳପଡା ଗରିବ ସେବା ସଦନର ସଭାପତି ଡ଼ଃ. ଶମ୍ଭୁନାଥ ରାଉତ ଏବଂ ସଦନର ସଦସ୍ୟ ସଦସ୍ୟା ଘଟଣାସ୍ଥଳରେ ପହଂଚି ମୃତକ ପିତାମାତାଙ୍କର ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢାଇଛନ୍ତି । ଭବିଷ୍ୟତରେ ସରକାରୀ ସ୍ତରରେ ସେମାନଙ୍କର ଶିକ୍ଷାଦାନ ନିମନ୍ତେ ସହଯୋଗ କରିବା ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିକଟସ୍ଥ ସେବାଶ୍ରମ ଗୁଡିକର ପ୍ରଧାନ ଶିକ୍ଷକମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିଛନ୍ତି । ସେଥିପାଇଁ ଆବଶ୍ୟକ କାଗଜାତ ପ୍ରସ୍ତୁତ କରାଯାଇ ଉପଯୁକ୍ତ ସ୍ଥାନରେ ନାମ ଲେଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ଘଟଣାକୁ ଗମ୍ଭୀରତା ସହ ଗ୍ରହଣ କରାଯିବ ବୋଲି ଡ଼ଃ ରାଉତ ଓ ସଦସ୍ୟ ସଦସ୍ୟାମାନେ ପ୍ରତିଶ୍ରୁତି ବଦ୍ଧ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସେବା ସଦନର ମାନସ କୁମାର ଆଚାର୍ଯ୍ୟ, ତପନ କୁମାର ଧୀର, ପୁଷ୍ପଲତା ମହାନ୍ତି, ରାଜେଶ ଆଚାର୍ଯ୍ୟ, ବିଜୟ କୁମାର ରାଉତ, କୀର୍ତ୍ତନ ନାୟକ, ଶ୍ୟାମସୁନ୍ଦର ମୁର୍ମୁ, ଗୌତମ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ନିମନ୍ତେ ୧୩ ଅଗଷ୍ଟରେ ଅନୁଷ୍ଠିତ ହେବ ପ୍ରତିବିଧାନ ପୀଠ ଶିବିର

ସୁବର୍ଣ୍ଣପୁର,୦୭/୪ (ନି.ପ୍ର): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ଆସନ୍ତା ଅଗଷ୍ଟ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜି ଆର ଏଫ ଶିବିର )ର ଆୟୋଜନ କରୁଅଛି । ଏଣୁ ଏହି ଦୁଇ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତା ମାନେ ଅନୁଷ୍ଠିତ ନିମ୍ନ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ସମ୍ପୃକ୍ତ ଅଂଚଳରେ ଉପସ୍ଥିତ ରହି ନିଜର ବକେୟା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ତୁରନ୍ତ ସମାଧାନ କରିପାରିବେ। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିପିଡବ୍ଲୁଓଡିଏଲର ବିଭିନ୍ନ ସେକ୍ସନ୍ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ବୀର ମହାରାଜପୁର ଏବଂ ଉଲୁଣ୍ଡା ସେକ୍ସନ ଅଫିସ୍ ଠାରେ ଆସନ୍ତା ଅଗଷ୍ଟ ୧୩ ତାରିଖ ଦିନ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ । ଜିଲ୍ଲାର ବିଦ୍ୟୁତ ଉପଭୋକ୍ତା ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଲାଭ ଉଠାଇ ବାକିଥିବା ସମସ୍ତ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ କରି ନିରବଚ୍ଛିନ୍ନ ତଥା ନିରନ୍ତର ବିଦ୍ୟୁତ୍ ସେବାକୁ ଉପଭୋଗ କରବାକୁ ଟିପିଡବ୍ଲ୍ୟୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ,ବୁର୍ଲା ତରଫରୁ ସୂଚୀତ କରାଯାଇଛି ।

# ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନ ୬ଲେନ ଓଡିଶା ରାଜଧାନୀ ଅଂଚଳ ରିଂ ରୋଡ଼ ପ୍ରକଳ୍ପ ଜନ ଶୁଣାଣି

ଖୋର୍ଦ୍ଧା,୦୭/୪ (ନି.ପ୍ର): ସ୍ଥାନୀୟ ହାବେଲୀ ପଡିଆ ଠାରେ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ଅଧୀନ ୬ଲେନ ଓଡିଶା ରାଜଧାନୀ ଅଂଚଳ ରିଂ ରୋଡ଼ କଟକ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲା ମଧଦେଇ (ସି ଆର ଆର ଆର ଆର - ୧)ରାମେଶ୍ୱର ଜାତୀୟ ରାଜପଥ -୧୬ରୁ ଗୋବିନ୍ଦପୁର ଜାତୀୟ ରାଜପଥ- ୫୫ପର୍ଯ୍ୟନ୍ତ ପ୍ରାୟ ୭୦.୯୯୫ କି. ମି ଖୋର୍ଦ୍ଧା ଜିଲ୍ଲା ମଧ ଦେଇ ଯାଉଥିବା ଜାତୀୟ ସଡକ ପଥ ପ୍ରକଳ୍ପର ଜନ ଶୁଣାଣି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପରେ ପରିବେଶକୁ ପ୍ରଭାବିତ କରୁଥିବା ବିଷୟ ଗୁଡିକଉପରେ ଆସିଥିବା ଅଭିଯୋଗ ଗୁଡିକ ଉପରେ ଜଣ ଶୁଣାଣି କରାଯାଇଥିଲା । ଅଭିଯୋଗ ଶିବିରରେ ଉପଜିଲ୍ଲାପାଳ ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ତହସିଲଦାର, ଖୋର୍ଦ୍ଧା ନିବେଦିତା ପରିଡା, ତହସିଲଦାର ଟାଙ୍ଗୀ, ମିତାଲି ପାତ୍ର, ତହସିଲଦାର, ବେଗୁନିଆ ବିଜୟ କୁମାର ସେଠୀ, ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ଆଂଚଳିକ ଅଧିକାରୀ ସୌମେନ୍ଦ୍ର ମହାନ୍ତି, ପରିଚାଳକ, ରାଜୀବ କୁମାର, ପରାମର୍ଶଦାତା, ଉମାକାନ୍ତ ପାଣି ପ୍ରମୁଖ ଯୋଗଦେଇ ଜନ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରରେ ସମ୍ପୃକ୍ତ ଅଂଚଳର ସରପଂଚ, ଜନପ୍ରତିନିଧି ସମେତ ୧୫୦ ଗ୍ରାମବାସୀ ଯୋଗଦେଇ ପରିବେଶକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆପତି ଆଣିଥିଲେ । ପ୍ରକଳ୍ପ ନିର୍ମାଣରେ କେତେ ବୃକ୍ଷ କଟାଯିବ, କେତେ ପ୍ରାକୃତିକ ଜଳ ଉତ୍ସ ପ୍ରଭାବିତ ହେବ ସେ ସମ୍ପର୍କରେ ଅବଗତ କରାଇବାସହ ଏହାର ସମାଧାନ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପଶୁ ପକ୍ଷୀ ମାନଙ୍କ ବାସସ୍ଥଳୀ ନିମନ୍ତେ ଜଙ୍ଗଲ ସୃଷ୍ଟି, ହାତୀ ରହଣି ଏବଂ ସେମାନଙ୍କ ଯିବା ଆସିବା ରାସ୍ତା (ପ୍ୟାସେଜ ), ପ୍ରକଳ୍ପ ନିର୍ମାଣ ସମୟରେ ଆଧୁନିକ ପଦ୍ଧତିରେ ବାୟୁ ପ୍ରଦ୍ୟୁଷଣ, ଜଳ ପ୍ରଦ୍ୟୁଷଣ ରୋକିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଆପତିକାରିଙ୍କୁ ବୁଝାଇଥିଲେ । ସର୍ବୋପରି ପରିବେଶ ଉପରେ ଯେଉଁଭଳି କୌଣସି କ୍ଷତିକାରକ ପ୍ରଭାବ ନ ପଡେ ସେଥିପ୍ରତି ରାଜ୍ୟ ସରକାର, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ସମସ୍ତ ପ୍ରକାର ଆଶୁ ପଦକ୍ଷେପ ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଥିଲେ ।

# ମହୁଲ ଫୁଲର ଅଭାବୀ ବିକ୍ରି

ଜୟପୁର,୦୭/୪ (ନି.ପ୍ର): କୋରାପୁଟ ଜିଲାରେ ମହୁଲ ଫୁଲର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ସର୍ବନିମ୍ନ ସହାୟକ ଦର ଧାର୍ଯ୍ୟ କରାଯାଇଥିବା ୭୨ଟି ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ମହୁଲ ରହିଛି । ପଂଚାୟତ ପକ୍ଷରୁ ମହୁଲ ଫୁଲର ସର୍ବନିମ୍ନ ସହାୟକ ଦର କେଜି ପ୍ରତି ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି । ମାତ୍ର କୋରାପୁଟ ଜିଲ୍ଲାରେ ଏହାର ବଜାର ଅଭାବରୁ ମାତ୍ର ୧୦ ରୁ ୧୫ ଟଙ୍କାରେ କେଜି ପିଛା ବିକ୍ରି ହେଉଛି । ପର୍ଯ୍ୟାପ୍ତ ଗୋଦାମ ଓ ଆବଶ୍ୟକ ଭିତିଭୂମିର ଅଭାବ ଯୋଗୁଁ ଲୋକେ ମହୁଲକୁ ମହଜୁଦ ରଖିପାରୁ ନାହାନ୍ତି । ସରକାରଙ୍କ ନିୟମ ଅନୁଯାୟୀ ମହିଳା ଏସଏଚଜିଙ୍କୁ ଏହାର କ୍ରୟ ଦାୟିତ୍ୱ ଦିଆଯିବାକୁ ଥିଲେ ମଧ ଦଲାଲ୍ ଓ ଅବକାରୀ ବିଭାଗର ମସୁଧା ଯୋଗୁଁ ଏହା କାର୍ଯ୍ୟକାରୀ ହେଉନି । ଦଲାଲଙ୍କ ଗୋଦାମରେ ଅବକାରୀ ବିଭାଗର ପକ୍ଷରୁ ଚଢ଼ଉ କରାଯାଉ ନାହିଁ । ଓଲଟା ସେମାନଙ୍କ ଠାରୁ ହାତଗୁଞ୍ଜା ନେଇ ଦେଶୀ ମଦଭାଟିକୁ ସୁହାଇଲା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଗରିବ ଲୋକଙ୍କ ପାଇଁ ମହୁଲ ସଂଗ୍ରହ ଜୀବନ ଜୀବିକା ପାଲଟିଥିବା ବେଳେ ଦଲାଲଙ୍କ ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଉ ନାହାନ୍ତି । କୋରାପୁଟ ଜିଲ୍ଲାରେ ଦିନକୁ ଦିନ ମଦଭାଟି ସଂଖ୍ୟା ବୃଦ୍ଧି ପାଇବା ସହିତ ମଦରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି । ଜିଲ୍ଲାର ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୁନ୍ଦୁରା ଦୁର୍ଗମ ଅଂଚଳରେ ଥିବା ଗାଁ ମାନଙ୍କରୁ ଆଦିବାସୀମାନେ ମହୁଲ ସଂଗ୍ରହ କରିଥାନ୍ତି । ଗ୍ରାମାଂଚଳରେ ମଦଭାଟି ମାଲିକମାନେ କିଛି ଲୋକଙ୍କୁ ରଖି ଆଗୁଆ କମ୍ ଦରରେ ମହୁଲ କିଣି ଗଚ୍ଛିତ ରଖୁଛନ୍ତି । ମହୁଲ କ୍ରୟ ଓ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଂଚାୟତର ଜନପ୍ରତିନିଧି ଓ କିଛି ସରକାରୀ କର୍ମଚାରୀଙ୍କୁ ନେଇ କମିଟି ହେବାକୁ ଥିବାବେଳେ ଏଥିରେ ମଧ ବ୍ୟତିକ୍ରମ ଦେଖାଦେଇଛି । ସେହି କମିଟିରେ ମୂଲ୍ୟ ଧାର୍ଯ୍ୟ ନିଷ୍ପତି ହେବା ପରେ ନିର୍ଦ୍ଦେଶନାମା ଜାରି କରିବା ନିୟମ ରହିଛି ଏବଂ ଏଥିପାଇଁ କ୍ରେତାମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବା ଉଚିତ । ମାତ୍ର ସେପରି ହେଉନାହିଁ । ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଲେ ଆଦିବାସୀମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଦାବି ହୋଇଛି ।

# ସୁବର୍ଣ୍ଣପୁରଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ

ସୁବର୍ଣ୍ଣପୁର,୦୭/୪ (ନି.ପ୍ର): ସୁବର୍ଣ୍ଣପୁର ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଷଷ୍ଠ ଦିବସରେ ସହରର ଦେବାଳୟ ଓ ଐତିହ୍ୟ ପୀଠ ଗୁଡିକୁ ସର୍ବଦା ସ୍ୱଚ୍ଛ ସୁନ୍ଦର ରଖିବାକୁ ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ, ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ସକାଳ ୬ଟା ସମୟରେ ଐତିହ୍ୟ ପୀଠ ଶ୍ରୀ ସୁବର୍ଣ୍ଣ ମେରୁ ଓ ଶ୍ରୀ ରାମେଶ୍ୱର ପୀଠ ରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଦର ମହକୁମା ସ୍ଥିତ ଏହି ଉଭୟ ଶୈବ ପୀଠ ଠାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝୀ ନିଜେ ଝାଡୁ କୁରାଢ଼ି ଧରି ସଫେଇ କରିଥିଲେ ଓ ସମଗ୍ର ଜିଲ୍ଲା ଓ ରାଜ୍ୟ କୁ ସ୍ୱଚ୍ଛତା ସଚେତନତା ବାର୍ତ୍ତା ପହଂଚାଇଥିଲେ । ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନନ୍ୟା ଦାସଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଡିଏମ୍ ଶ୍ରୀ ମାଝୀ, ଓ ଶ୍ରୀମତୀ ପଧାନ ଙ୍କ ସମେତ ପୌର ଅଧିକାରୀ, ଆସିଷ୍ଟାଂଟ କଲେକ୍ଟର ରମେଶ ଗୋଛି, ଡି ପି ଓ ଶ୍ରୀ ଅର୍ଜୁନ ମାଝୀ, ପୌର ପରିଷଦ ଏମ ଇ -ଯଯାତୀ କେଶରୀ ପଧାନ, ଏ ଇ -କାହ୍ନୁ ଚରଣ ସ୍ୱାଇଁ, ଜେ ଇ - ତରୁଣ ମୁର୍ମୁ, ପର୍ଯ୍ୟଟନ ବିଭାଗ ଅଧିକାରୀ ସହଦେବ ମେହେର, ପୌର ପରିଷଦ କାଉନସିଲର କଇରୁ ସ୍ୱାଇଁ, ଗଙ୍ଗା ତରିଆ, ସାନିଟାରୀ ଏକ୍ସପର୍ଟ ଅଜୟ ସ୍ୱାଇଁ, ସୌଦାମିନୀ କୁମ୍ଭାର, ସ୍ୱଚ୍ଛ ଭାରତ ସଙ୍ଗଠନ ସଭାପତି ସାୟଦ ଅଲିମୁଲ୍ ଇସଲାମ, ଉପ ସଭାନେତ୍ରୀ ଇନ୍ଦୁ ମତି ପୁରୋହିତ, ଲଡୁ କିଶୋର ମଲ୍ଲିକ ଙ୍କ ସମେତ ସମସ୍ତ ସ୍ୱେଚ୍ଛାସେବୀ, ଦିବ୍ୟ ଉର୍ଯ୍ୟା ଯୋଗ ସମିତି ର ସଂଯୋଜକ ମନୋଜ ପଣ୍ଡା, ରବୀନ୍ଦ୍ର ଜେନା ଓ ଜିଲ୍ଲା ପ୍ରଶାସନ , ପୌର ପ୍ରଶାସନ ର ସମସ୍ତ କର୍ମଚାରୀ , ବୁଦ୍ଧିଜୀବି, ମିଡିଆ ଓ ସ୍ୱେଚ୍ଛାସେବୀ ଯୋଗ ଦେଇ ସହର ଓ ଦେବାଳୟ ଗୁଡ଼ିକୁ ସ୍ୱଚ୍ଛ ସୁନ୍ଦର ରଖିବାକୁ ସଂକଳ୍ପ ନେଇଥିଲେ । ପୌର ପରିଷଦ ଅଧିକାରୀ ରଷି ମାଝୀଙ୍କ ତତ୍ୱାବଧାନରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ୱଚ୍ଛ ଭାରତ ସଂଗଠନର ଉପଦେଷ୍ଟା ପ୍ରମୋଦ କୁମାର ସାହୁ, ସଂଯୋଜକ ମନୋରଞ୍ଜନ ତ୍ରୀପାଠୀ ପରିଚାଳନାରେ ସହଯୋଗ କରିଥିଲେ ।

# ଧାମରାରେ ଓଡିଆ ପକ୍ଷ ପାଳନ ଏବଂ ଗଣଦୌଡ

ଭଦ୍ରକ,୦୭/୪ (ନି.ପ୍ର): ଓଡିଶା ଦିବସ ଠାରୁ ଓଡିଆ ନବବର୍ଷ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିବା ପରିପ୍ରେକ୍ଷୀରେ ଆଜି ଧାମରାରେ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଧାମରାଇ ମନ୍ଦିର ଠାରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ପତାକା ଦେଖାଇ ସକାଳ ୭.୩୦ମିନଟରେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ ଧାମରାଇ ମନ୍ଦିର ନିକଟରୁ ଆରମ୍ଭ ହୋଇ ପ୍ରଥମେ ଗଙ୍ଗାମାତା ପଡିଆ ହୋଇ ଧାମରା ବସଷ୍ଟାଣ୍ଡରେ ଶେଷ ହୋଇଥିଲା। ଆଜି ହୋଇଥିବା ଏହି ଗଣଦୌଡରେ ମା ଧାମରାଇ ନୋଡାଲ ହାଇସ୍କୁଲ,ଧାମରାଇ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ର ଏବଂ ଧାମରା ଆଠ ପଂଚାୟତର ବହୁ ଯୁବ ଗୋଷ୍ଠୀ ଏହି ଗଣ ଦୌଡରେ ସାମିଲ ହୋଇଥିଲେ।

# ଜାତୀୟ ଶିକ୍ଷାନୀତି ୨୦୨୦ ଏକ ଅନୁଶୀଳନ ପୁସ୍ତକ ଲୋକାର୍ପିତ

ଜୟପୁର,୦୭/୪ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ତଥା ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ଼ ମନୋରଞ୍ଜନ ପ୍ରଧାନଙ୍କ ଦ୍ୱାରା ଲିଖିତ ପୁସ୍ତକ ‘ଜାତୀୟ ଶିକ୍ଷାନୀତି ୨୦୨୦: ଏକ ଅନୁଶୀଳନ‘ ପାଠ୍ୟାର୍ପଣ ହୋଇଯାଇଛି। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜୟପୁର ଦ୍ୱାରା ଆୟୋଜିତ ଏକଦିବସୀୟ ଜିଲ୍ଲା ଭିତିକ ପତ୍ରବାଚନ (ସେମିନାର)ରେ ଅଧକ୍ଷ ରୂପ ଚନ୍ଦ୍ର ସୋରେନଙ୍କ ସଭାପତିତ୍ୱ ଏବଂ ପ୍ରାକ୍ତନ ଅଧକ୍ଷ ତଥା ଶିକ୍ଷାବିତ୍ ଡ଼ ଯୁଗଳ କିଶୋର ମିଶ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ପରିବେଶବିତ୍ ଡଃ. ପ୍ରଦୀପ କୁମାର ମିଶ୍ର, ସେମିଳିଗୁଡା କଲେଜର ଶିକ୍ଷା ବିଭାଗର ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଦେବାନନ୍ଦ ନାୟକ, ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଶ୍ରୀଚନ୍ଦ୍ରକଳା ବଗର୍ତୀ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଉମାକାନ୍ତି ବାଇପାଇ, ଗାୟତ୍ରୀ ବୈଠାରୁ, ବ୍ରହ୍ମାନନ୍ଦ ଟୁଡୁ, ସ୍ୱାତୀ ପାତ୍ର, କୁସୁମ ପାଣ୍ଡେ ଓ କୋରାପୁଟ ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ପଚାଶରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶତାଧିକ ଗୁରୁ ଛାତ୍ର ଛାତ୍ରୀମାନଙ୍କ ଉପସ୍ଥିତିରେ ପୁସ୍ତକଟି ଉନ୍ମୋଚନ ହୋଇଯାଇଛି। ପୁସ୍ତକ ସମ୍ବନ୍ଧରେ ଡଃ. ପ୍ରଦୀପ କୁମାର ମିଶ୍ର ସମ୍ୟକ୍ ସୂଚନା ପରେ ପୁସ୍ତକଟି ଲୋକାର୍ପଣ ହୋଇଥିଲା ଏବଂ ପରେ ଲେଖକ ଡଃ. ମନୋରଞ୍ଜନ ପ୍ରଧାନ ସମବେତ ବୁଦ୍ଧିଜୀବୀଙ୍କୁ ପୁସ୍ତକ ବାବଦରେ ବିଶଦ ବିବରଣୀ ରଖିଥିଲେ। ସୂଚନାଯୋଗ୍ୟ କି, ଏଥେନା ବୁକ୍ସ, ଭୁବନେଶ୍ୱର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଡଃ. ପ୍ରଧାନଙ୍କ ତିରିଶଟି ନିବନ୍ଧକୁ ନେଇ ସଂକଳିତ ଓ ସମୃଦ୍ଧ। ଜାତୀୟ ଶିକ୍ଷାନୀତି ୨୦୨୦ର ବିଭିନ୍ନ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଶୀଳନ କରିଛନ୍ତି ଡଃ. ପ୍ରଧାନ। ପୁସ୍ତିକା ସ୍ଥିତ ସମସ୍ତ ନିବନ୍ଧ ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପରେ ଧାରାବାହିକ ଭାବରେ ତିରିଶ ସପ୍ତାହ ଧରି ପ୍ରକାଶିତ ହୋଇଥିଲା, ଯାହାର ପୂର୍ଣ୍ଣାଙ୍ଗ ଅବୟବ ହେଉଛି ପୁସ୍ତକ ‘ଜାତୀୟ ଶିକ୍ଷାନୀତି ୨୦୨୦: ଏକ ଅନୁଶୀଳନ‘। ପୁସ୍ତକକୁ ସମୀକ୍ଷା କରି ମଂଚାସୀନ ଅତିଥୀମାନେ ଲେଖକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଜାତୀୟ ଶିକ୍ଷାନୀତି ୨୦୨୦କୁ ରାଜ୍ୟରେ ଗତିଶୀଳ କରିବାରେ ବିଶେଷ ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଜଗନ୍ନାଥ ସାଗରର ପୁନଃ ନିର୍ମାଣ ପାଇଁ ୭ କୋଟି ୯୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ

ଜୟପୁର,୦୭/୪ (ନି.ପ୍ର): ଜୟପୁର ସହରର ଐତିହାସିକ ଜଗନ୍ନାଥ ସାଗରର ଉନ୍ନତିମୂଳକ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଗତ ୮ ମାସରୁ ବନ୍ଦ ରହିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ୯ କୋଟି ୪୪ ଟଙ୍କା ପ୍ରଦାନ ପରେ ଆସନ୍ତା ୫ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ ଟେଣ୍ଡର ଦାଖଲ କରିବା ନେଇ ପୌରସଂସ୍ଥା ପକ୍ଷରୁ ୭ କୋଟି ୯୧ ଲକ୍ଷ ୮୩ ହଜାର ୪୪୭ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ପୌରସଂସ୍ଥା ପକ୍ଷରୁ ନିୟମ ଅନୁଯାୟୀ ଆହ୍ୱାନ ଟେଣ୍ଡରରେ ଠିକାସଂସ୍ଥା ପକ୍ଷରୁ ଦାଖଲ କରିବା ନେଇ ଧାର୍ଯ୍ୟ କରାଯାଇଛି । ଦାଖଲ ହୋଇଥିବା ଉକ୍ତ ଟେଣ୍ଡରକୁ ଆସନ୍ତା ୧୭ ତାରିଖରେ ଖୋଲାଯିବା ପରେ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟରେ ଦାଖଲ କରିଥିବା ଠିକାସଂସ୍ଥାକୁ ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ. ସସ୍ୟା ରେଡ୍ଡି ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ, ଜୟପୁର ଜଗନ୍ନାଥ ସାଗର ଉନ୍ନତିମୂଳକ କାର୍ଯ୍ୟ ଅନୁଯାୟୀ, ଦଳ ସଫେଇ, ପଙ୍କ ଉଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ୮୪ ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଥିଲା । ଏହିପରି ଗତ ୨୦୨୪ ମସିହା ଫେବୃୟାରୀ ମାସରେ ସାଗରର ଜଳନିଷ୍କାସନ ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହିପରି ବର୍ଷା ଋତୁ ଆରମ୍ଭ ପରେ କାର୍ଯ୍ୟ ବନ୍ଦ ହୋଇଥିଲା । କିନ୍ତୁ ପଙ୍କ ଉଦ୍ଧାର ଏବଂ ମାଟି ଖନନ ବାବଦକୁ ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଲ ବକେୟା ରହିଛି ।

# ଗୁର୍ଜୁଙ୍ଗ ବେହେରା ପଡ଼ାରେ ଅଷ୍ଟ ପ୍ରହରୀ ନାମଯଜ୍ଞ

ଭବାନୀପାଟଣା,୦୭/୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ସ୍ଥିତ ଗୁର୍ଜୁଙ୍ଗ ପଂଚାୟତ ଗୁର୍ଜୁଙ୍ଗ ବେହେରା ପଡା ଠାରେ ପ୍ରଥମ ଥର ପାଇଁ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହେଉଛି। ଏହି ନାମଯଜ୍ଞରେ ଗତକାଲି ବହୁ ସଂଖ୍ୟାରେ ମା ଭଉଣୀ, ଜନସାଧାରଣ କଳସ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଉଡ଼ନ୍ତି ନଦୀରୁ କଳସ ପାଣି ଆଣିବାକୁ ବ୍ରାହ୍ମଣ, ପୁରୋହିତ ବ୍ରହ୍ମବେଦ ପାଠ କରି, ପୂଜାର୍ଚ୍ଚନା ସୁଦ୍ଧପୁତ ଭାବରେ କଳସ ସ୍ଥାପନ କରାଯାଇଥିଲା। ପୁରୋହିତ ବଇକୁଣ୍ଠ ଦାଶ ଓ କର୍ତା ଭାବରେ ଦଇତରୀ ବେହେରା ଦମ୍ପତି ଏବଂ ବେହେରା ପଡା ଓ ଗ୍ରାମର ସମସ୍ତଙ୍କ ସହଯୋଗରେ ଆଜି ସକାଳ ଠାରୁ ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଏହି ଯଜ୍ଞରେ ଆଠ ଗୋଟି ସଂକୀର୍ତନ ମଣ୍ଡଳୀ, ଶବର ପଡା, କର୍ଲା ପିଟା ଝିଅ ଦଳ, ଭାନ ପୁର, ଚିକିଲି ଟିଟିଲାଗଡ଼ ଝିଅ ଦଳ, ବରଫା, କଂଟାମାଲ ଝିଅ ଦଳ ଅଂଶଗ୍ରହଣ କରିଥିଲେ ଓ ଅଂଚଳରେ ଏକ ଆଧ୍ୟାତ୍ମିକ ଭକ୍ତି ରେ ସମସ୍ତେ ବିମୋହିତ ହୋଇଯାଇଛନ୍ତି। ଅନ୍ନ ଛତ୍ର ପ୍ରସାଦ ସେବନର ସୁ ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ଏହି ନାମ ଯଜ୍ଞ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# ଦେବାଳୟ ଓ ଐତିହ୍ୟ ସ୍ଥଳିର ସ୍ୱଚ୍ଛତା ଅଭିଯାନ ନେଇ ମଲିକେଶ୍ୱର ଶୈବ ପୀଠଠାରେ ସଫେଇ କାର୍ଯ୍ୟକ୍ରମ

ମାଲକାନଗିରି,୦୭/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ ନେଇ ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ମଲିକେଶ୍ୱର ଶୈବ ପୀଠ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ସାମୁହିକ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି, ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଏବଂ ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଶୈବ ପୀଠ ଠାରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଦେଶର ଦାୟିତ୍ୱବାନ ନାଗରିକ ଭାବେ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ୍। ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକ ସବୁ ଦିଗରୁ ବିଶେଷ ଗୁରୁତ୍ୱ ବହନ କରେ। ତେଣୁ ପର୍ଯ୍ୟଟନ ସ୍ଥଳୀ ଭାବେ ହେଉ କିମ୍ବା ଗୌରବମୟ ଇତିହାସ ପାଇଁ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ରୂପେ ଗୌରବମୟ କୀର୍ତିରାଜିର ମୁକସାକ୍ଷୀ ସାଜିଥିବା ଐତିହ୍ୟ ସ୍ଥଳୀ ଗୁଡିକୁ ସ୍ୱଚ୍ଛ କରି ରଖିବା ପାଇଁ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଲିକେଶ୍ୱର ଶୈବ ପୀଠ ଉପରକୁ ଯାଇ ମନ୍ଦିର ପରିବେଶର ସଫେଇ କରିଛନ୍ତି।

# ଜନ୍ମ ପ୍ରମାଣ ପତ୍ର ଉପରେ ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟରେ ଦାବି

ଗଞ୍ଜାମ,୦୭/୪ (ନି.ପ୍ର): ଆସନ୍ତା ୧୧ ତାରିଖରୁ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକ୍ରମ ପ୍ରଚଳନ କରିବାକୁ ସରକାର ନିଷ୍ପତି ନେଇଛନ୍ତି। ଏଥିପାଇଁ ଆବେଦନ ବେଳେ ଆଧାର କାର୍ଡରେ ଉଲ୍ଲେଖିତ ଜନ୍ମ ତାରିଖ ଉପରେ ଗୁରୁତ୍ୱ ଦେବାସହ ରାଜ୍ୟ ସରକାରଙ୍କ ଜନ୍ମ ମୃତ୍ୟୁ ବିଭାଗ ଦ୍ୱାରା ହୋଇଥିବା ଜନ୍ମ ପ୍ରମାଣ ପତ୍ରକୁ ସରକାରଙ୍କ ପକ୍ଷରୁ ଗ୍ରହଣ କରିବାକୁ ଦାବି ହେଉଛି। ଆଧାର କାର୍ଡ ଗୁଡ଼ିକରେ ଅନେକ ସ୍ଥାନରେ ତୃଟିବଶତଃ, ଜନ୍ମ ତାରିଖ ଉଲ୍ଲେଖ ରହିଛି। ଏହାକୁ ସଂଶୋଧନ ପାଇଁ ଆଧାର କେନ୍ଦ୍ର ଗଲେ ମଧ୍ୟ,ଏହା ସଂଶୋଧନ ହୋଇପାରୁନି ଓଲିମିଟ କ୍ରସ ଡିଓବି ଉଲ୍ଲେଖ କରିଏହି ସଂଶୋଧନ ଆବେଦନକୁ ଖାରଜ କରୁଛନ୍ତି। ଫଳରେ ଏହି ଧରଣର ଆଧାରକାର୍ଡଧାରୀ ମାନେ ନାହିଁ ନଥିବା ହଟ ହଟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧ, ମହିଳା ଓ ଶିଶୁ ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଶହ ଶହ କିଲୋମିଟର ଅତିକ୍ରମ କରି ଭୁବନେଶ୍ୱର ରେଜିଓନାଲ ଅଫିସକୁ ଯାଇ ଲିମିଟକ୍ରସ ଡିଓବି ସଂଶୋଧନ କରିବାକୁ ସମର୍ଥ ହେଉନାହାଁନ୍ତି। ଏଣୁ ସରକାରଙ୍କ ପକ୍ଷରୁ ଯଦି ଆୟୁଷ୍ମାନ ଆବେଦନ ବେଳେ କେବଳ ଆଧାର କାର୍ଡ ଜନ୍ମ ତାରିଖ ଉପରେ ଗୁରୁତ୍ୱ ଦିଆଯିବ, ତାହା ହେଲେ୍ ହ୍ଜାରକ୍ତି ଗଞ୍ଜାମ ଜିଲ୍ଲାରୁ ଏହି ଯୋଜନାରୁ ବାଦ ପଡ଼ିବା ସମ୍ଭାବନା ରହିଛି । ଆୟୁଷ୍ମାନ ଯୋଜନା ଆବେଦନ ବେଳେ ସରକାରଙ୍କ ପକ୍ଷରୁ ଆଧାର କାର୍ଡ, ପେନସନ ଖାତାରେ ଥିବା ଜନ୍ମ ତାରିଖ, ସରକାରଙ୍କ ଜନ୍ମ ମୃତ୍ୟୁ କାର୍ଯ୍ୟାଳୟରୁ ପ୍ରଦତ ଜନ୍ମ ତାରିଖ ପ୍ରମାଣ ପତ୍ର ଓ ଦଶମ ଶ୍ରେଣୀ ପାସ ବୋର୍ଡ ସାର୍ଟିଫିକେଟ, ଭୋଟର ପରିଚୟପତ୍ରରେ ଥିବା ଜନ୍ମ ତାରିଖ ମଧ୍ୟରୁ ଯେକୌଣସି ଜନ୍ମ ତାରିଖ ପ୍ରମାଣ ପତ୍ର ଗ୍ରହଣ କରିବାକୁ ଜନ ଦାବି ହେଉଛି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣକରାଯାଇଛି। ଏଥିପାଇଁ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଶ୍ରୀକ୍ଷେତ୍ରରେ ଲଜ୍ୟାଜନକ ଘଟଣା : ମହିଳା ସାମ୍ବାଦିକଙ୍କୁ ଆକ୍ରମଣ, ୫ ଆହତ

ପୁରୀ,୦୭/୪ (ନି.ପ୍ର): ଶାନ୍ତିପ୍ରିୟ ଶ୍ରୀକ୍ଷେତ୍ରରେ ଶ୍ରୀରାମ ନବମୀ ଅବସରରେ ସିଂହଦ୍ୱାର ପତିତପାବନଙ୍କ ସମ୍ମୁଖରେ ଏକ ଲଜ୍ୟାଜନକ ଘଟଣା ଘଟିଯାଇଛି । ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକା ଲିନୁ ନାୟକଙ୍କୁ ୧୦ରୁ ଉର୍ଦ୍ଧ୍ୱ ସେବକ ବେଶଧାରୀ ଯୁବକ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଠେଲାପେଲା ଓ ଆକ୍ରମଣ କରିବାରୁ ଲିନୁ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ସହିତ କ୍ୟାମେରାମ୍ୟାନ ଶିବ ପଲେଇ, ଚନ୍ଦ୍ରଶେଖର ଓମ ପାତ୍ର, ପିଂଟୁ ସାହୁ, ସାଗର ମଲ୍ଲିକଙ୍କୁ ମଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ସେବକ ବେଶଧାରୀ ଯୁବକମାନେ ଔଦ୍ଧତ୍ୟର ସୀମା ଉଲ୍ଲଙ୍ଘନ କରିଥିଲେ ବୋଲି ଅଭିଯୋଗ ହୋଇଛି । ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀରାମ ନବମୀ ଅବସରରେ ଗଣମାଧ୍ୟମ ପ୍ରତିନିଧି ମାନେ କର୍ତବ୍ୟରତ ଥିବା ସମୟରେ ଏଭଳି ଆକ୍ରମଣ ହୋଇଥିଲା । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଏହା କୁଠାରଘାତ କରୁଛି । ଏ ସମ୍ପର୍କରେ ସାମ୍ବାଦିକା ଲିନୁ ନାୟକ ଓ ପିଂଟୁ ସାହୁ ସିଂହଦ୍ୱାର ଥାନରେ ଲିଖିତ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ତାଙ୍କର ମୋବାଇଲ ଓ କ୍ୟାମେରା ଭାଙ୍ଗିଦେବା ସହ ଠେଲାପେଲା ଓ ଆକ୍ରମଣ କରିଥିଲେ । ଏହା ସହ ସାମ୍ବାଦିକଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଛନ୍ତି । ଏଭଳି ଘଟଣାକୁ ପୁରୀର ସାମ୍ବାଦିକଗଣ, ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ଆଇନଜୀବୀ ପକ୍ଷରୁ ନିନ୍ଦା କରାଯାଇଛି । ପରେ ପରେ ସହରର ସାମ୍ବାଦିକ ମାନେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଏସପି ବିନୀତ ଅଗ୍ରୱାଲଙ୍କ ସହ ଆଲୋଚନା କରିଥିଲେ ।

# ଭାରତୀୟ ଜନତା ପାର୍ଟିର ୪୬ ତମ ପ୍ରତିଷ୍ଠା ଦିବସ

ଧର୍ମଶାଳା,୦୭/୪ (ନି.ପ୍ର): ଆଜି ହେଉଛି ଭାରତୀୟ ଜନତା ପାର୍ଟିର ୪୬ ତମ ପ୍ରତିଷ୍ଠା ଦିବସ। ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ପାଳନ ହେଉଛି ଏହି ଦିବସ । ଏହି କ୍ରମରେ ଯାଜପୁର ଜିଲ୍ଲା ଧର୍ମଶାଳା ବିଜେପି ପକ୍ଷରୁ ଜାରକା ଠାରେ ପାଳିତ ହୋଇଛି। ବିଜେପି ନେତ୍ରୀ ସ୍ମୃତି ରେଖା ପହିଙ୍କ ତତ୍ୱାବଧାନରେ ଧର୍ମଶାଳା ପ୍ରଖଣ୍ଡର ମୁଖ୍ୟ ବିବେକାନନ୍ଦ ଜେନା,ପୂର୍ବତନ ମଣ୍ଡଳ ସଭାପତି କୁଳମଣୀ ମଲ୍ଲିକଙ୍କ ସମେତ ଦଳୀୟ କର୍ମକର୍ତା ଯୋଗ ଦେଇଥିଲେ । ଆଜିର ଦିନ ମହାନ୍ । ପ୍ରଭୂ ଶ୍ରୀ ରାମଙ୍କ ଜନ୍ମଦିନ ସହ ବିଜେପିର ପ୍ରତିଷ୍ଠା ଦିବସ । ଭାରତମାତା ଓ ଯଶସ୍ୱି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଆଜିର ଦିନ ଏହା ଆମପାଇଁ ଗୌରବର କଥା । ସଂଗଠିତ ହୋଇ ଆଗକୁ ବଢିବାର ଅଛି । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଓ ବର୍ତମାନର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ କାର୍ଯ୍ୟ ଶୈଳୀ ଉପରେ ଗୁରୁତ୍ୱାରୋପ କରିବାକୁ ବିଜେପି ନେତ୍ରୀ ଶ୍ରୀମତୀ ପହି କହିଥିଲେ । କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତା, ବରିଷ୍ଠ ନେତା, ମହିଳା ନେତ୍ରୀ,ଧର୍ମଶାଳା ବଜରଙ୍ଗ ଦଳର ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ ।

# ଜିଲ୍ଲା ବିଜେପି ପକ୍ଷରୁ ବିଜେପି ସ୍ଥାପନା ଦିବସ ପାଳନ




ବାଲେଶ୍ୱର, ୭/୪ (ନି.ପ୍ର): ଆଜି ଖାନନଗର ସ୍ଥିତ ଜିଲ୍ଲା ବିଜେପି ମୁଖ୍ୟାଳୟରେ ବିଜେପି ପକ୍ଷରୁ ୪୬ତମ ସ୍ଥାପନା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାନ ସଭା ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟା ସୁଷମା ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ରହି ଦଳର ସ୍ଥାପନା, ଦଳର ପୃଷ୍ଠଭୂମି ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ ବିସ୍ତୃତ ଭାବେ କହିଥିଲେ, କେଉଁ ପରିସ୍ଥିତିରେ ୧୯୮୦ ମସିହା ଏପ୍ରିଲ ୬ତାରିଖରେ ଭାରତୀୟ ଜନତା ପାର୍ଟିର ସ୍ଥାପନା କରାଯାଇଥିଲା। ସେ ସମୟରେ ଦେଶର କ'ଣ ଆବଶ୍ୟକତା ଥିଲା ? ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀ, ଭାରତରତ୍ନ ଲାଲକୃଷ୍ଣ ଆଡଭାନୀ ଓ ମୁରଲୀ ମନୋହର ଯୋଶୀଙ୍କ ସମେତ କିଛି ଆଗଧାଡିର ନେତୃତ୍ୱଙ୍କ ତତ୍ତ୍ୱାବଧାନରେ ଭାରତୀୟ ଜନତା ପାର୍ଟିର ଜନ୍ମ ହୋଇଥିଲା। ଜାତିୟତା, ରାଷ୍ଟ୍ରବାଦ, ଗରିବ କଲ୍ୟାଣ, ସମାଜରେ ଅନ୍ତିମ ପଂକ୍ତିରେ ଥିବା ବ୍ୟକ୍ତିର ଉତ୍ଥାନ, ଧାରା ୩୭୦ ଉଚ୍ଛେଦ, ଦେଶରେ ଏକ ପ୍ରଧାନ-ଏକ ନିଶାନ- ଏକ ବିଧାନ ପ୍ରତିଷ୍ଠା, ରାମମନ୍ଦିର ନିର୍ମାଣର ପଥ ପ୍ରଶସ୍ତ କରିବା, ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଭଳି ଉଚ୍ଚକୋଟୀର ଲକ୍ଷ ନେଇ ଦଳର ନିର୍ମାଣ କରାଯାଇଥିଲା। ସେ କହିଥିଲେ ଯେ ବଳିଷ୍ଠ ନେତୃତ୍ୱ, ଦୃଢ଼ ଇଚ୍ଛାଶକ୍ତି ଓ ଶୃଙ୍ଖଳିତ ବିଚାରଧାରାକୁ ପାଥେୟ କରି ଦଳର ମୁଖ୍ୟ ବିନ୍ଦୁ ଗୁଡ଼ିକର ସମାଧାନ କରିପାରିଛି। ଏହା ସମ୍ଭବ ହୋଇପାରିଛି ଦଳର କୋଟି କୋଟି ଦେବ ଦୂର୍ଲଭ୍ୟ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ, ବଳିଦାନ, ତପସ୍ୟା ବଳରେ। କାଶ୍ମୀର ଆମ ଦେଶର ଅଂଶ କେବଳ କାଗଜ କଲମରେ ସିମୀତ ଥିଲା। ସେଠାରେ କୌଣସି ଭାରତୀୟ ଆଇନ୍ କାନୁନ୍ ଚାଲୁ ନଥିଲା। ଏହାକୁ ବିରୋଧ କରି ଡ଼କ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦ୍ୱାରା ଗଠିତ ଭାରତୀୟ ଜନସଂଘ ପରବର୍ତ୍ତୀ କାଳରେ ଭାରତୀୟ ଜନତା ପାର୍ଟିର କଳେବରରେ ଧାରା ୩୭୦ ଓ ୩୫କ ଉଚ୍ଛେଦ କରି ଅଧିକାରିକ ଭାବେ ଜମ୍ମୁକାଶ୍ମୀର ବିଲୟ ଘଟାଇଥିଲେ। ଯାହା ଏକ ଐତିହାସିକ ଓ ଅସାଧ ପଦକ୍ଷେପ ଥିଲା। ବିଜେପିର ନେତୃତ୍ୱରେ ଆମ ଦେଶ ଅନେକ କିଛି ପାଇଛନ୍ତି, ତତ୍କାଳୀନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦୃଢ଼ତାର କାରଣ ସ୍ୱରୂପ ଆମ ଦେଶ ଆଣବିକ କ୍ଷମତା ସମ୍ପର୍ନ୍ନ ହୋଇପାରିଛି। ଭାରତରତ୍ନ ଲାଲକୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ରାମମନ୍ଦିର ଆନ୍ଦୋଳନକୁ ସଫଳତାର ରାସ୍ତାରେ ଗତିମାନ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଆଜି ଦେଶର ଗାରୀମା ବିଶ୍ୱର ଶିଖରତମ ସ୍ଥାନରେ। ଅର୍ଥନୀତିରେ ଦେଶ ଆଜି ପଞ୍ଚମ ସ୍ଥାନରେ ଖୁବଶୀଘ୍ର ତୃତୀୟ ସ୍ଥାନ ଦଖଲ କରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଦେଶର ସାମରିକ ଶକ୍ତି ବଳରେ ଚାଇନା ମଧ ନତମସ୍ତକ ହେଲା। ବୈଷୟିକ ସମସ୍ୟାର ସମାଧାନ ଦିଗରେ ଆମ ଦେଶର ଭୂମିକା ଉଲ୍ଲେଖଯୋଗ୍ୟ। ଠିକ୍ ଯେମିତି କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ବଳିଦାନ ତପସ୍ୟା ଯୋଗୁଁ ଆମେ ଆଜି ବିଶ୍ୱର ଏକ ନମ୍ବର ଦଳ ଓ ଦେଶର ଏକମାତ୍ର ରାଷ୍ଟ୍ରୀବାଦୀ ରାଜନୈତିକ ଦଳ ହୋଇ ପାରିଛି ଏହାକୁ ବଜାୟ ରଖିବାକୁ ଆମ ସମସ୍ତଙ୍କର ଦାୟିତ୍ୱ। ରାଜନୀତି କ୍ଷମତା ପାଇଁ ନୁହେଁ ରାଜନୀତି ମାଧ୍ୟମରେ ରାଷ୍ଟ୍ର ନିର୍ମାଣ, ଗରିବ କଲ୍ୟାଣ, ଲୋକଙ୍କ ସେବାର ମାଧ୍ୟମ ହେବା ଦରକାର। ଯେମିତି ନିକଟରେ ୱାକଫ ସଂଶୋଧନ ବିଲ୍ ପାରିତ ହେଲା ସେମିତି ଆଗାମୀ ଦିନରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' 'ଏକକ ଦେୱାନି ବିଧି' 'ଜନସଂଖ୍ୟା ନିୟନ୍ତ୍ରଣ' 'ଗୋହତ୍ୟା ନିରୋଧ' ବିଲ୍ ପାରିତ ହୋଇ ଆଇନରେ ପରିଣତ ହେବ। ଏହାପରେ ଜିଲ୍ଲାର ବୟୋଜ୍ୟେଷ୍ଠ ନେତୃତ୍ୱ ମିହିର ବାରିକ୍, ସୋର ନଗରର ପୂର୍ବତନ ଚେୟାରମେନ ଆଶିସ କୁମାର ଦାଶ, ଡାକ୍ତର ବାସୁଦେବ ମଲ୍ଲିକ, ରାଧାମାଧବ କାନୁନଗୋ, ପର୍ଶୁରାମ ବାରିକ, ଜଗବନ୍ଧୁ ନାୟକ, ପୂର୍ଣ୍ଣଚନ୍ଦ୍ର ରାଉତ, ନିରଞ୍ଜନ ବିଶ୍ୱାଳ, ମହେନ୍ଦ୍ର ଦାସ, ସନାତନ ନନ୍ଦ ଓ ବଳିଷ୍ଠ ନେତୃତ୍ୱ ଜୀବନ ପ୍ରଦୀପ ଦାସ, ଲମ୍ବୋଦର ନାୟକ, ସୁଷମା ରାଣୀ ବିଶ୍ୱାଳ, ପର୍ଶୁରାମ ପରିଡ଼ା, ବିପିନ ମାରାଣ୍ଡି, କରୁଣାକର ପଣ୍ଡା, ସୋର ନଗରର ପୂର୍ବତନ ଚେୟାରମେନ ନଳିନୀକାନ୍ତ ମହାପାତ୍ର , ସୀତାକାନ୍ତ ମହାପାତ୍ର, କମଳା ବିନ୍ଧାଣୀଙ୍କୁ ପ୍ରତିଷ୍ଠା ଦିବସରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଗଛଚାରା ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାମନବାମୀ ଉପଲକ୍ଷେ ବସ୍ତାରେ ବିଶାଳ ଶୋଭାଯାତ୍ରା



ବସ୍ତା, ୭/୪ (ନି.ପ୍ର): ଶ୍ରୀରାମ ଜନ୍ମଦିନ ଉପଲକ୍ଷେ ବିଶାଳ ରାମନବମୀ ଶୋଭାଯାତ୍ରା ବସ୍ତା ଅଞ୍ଚଳ ପରିକ୍ରମା କରିଥିଲା। ରାମ ଚେତନା ଜାଗରଣ ସଂଘ, ବିଜେପି, ବିଶ୍ୱହିନ୍ଦୁ ପରିଷଦ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏହି ଶୋଭାଯାତ୍ରା ବସ୍ତା ବଜାର, ମହାଦେବସରାଇ, ବିଦ୍ୟାଧରପୁର, ସରଡ଼ିହା, ବୈଂଚା, କରଞ୍ଜିଆ, କୁଶଡିହା, କୁଣ୍ଡପୁର, ହଳଦିଆ ପଡା, ଗାନ୍ଧିଛକ, ବାହାର୍ଦ୍ଦା ବଜାର, ମଥାନୀ ପ୍ରଭୃତି ଅଞ୍ଚଳ ପରିକ୍ରମା କରିବା ସହିତ ଜୟ ଧ୍ୱନି, ରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଜାଗରଣ ସଂଘର ସ୍ମରଣ ପଣ୍ଡା, ଜନ ଜୀବନ ପ୍ରଧାନ, ଜୟପ୍ରକାଶ ଭୁଟୁଡ଼ା, ବିଧାୟିକା ସୁବାସିନ ଜେନା ରବୀନ୍ଦ୍ର ଅଣ୍ଡିଆ, ଶ୍ୟାମାପ୍ରସାଦ ବେହେରା, ରବୀନ୍ଦ୍ର ଜୈନ, ପ୍ରଦୀପ କୁମାର ପଣ୍ଡା, ଗୋ ରକ୍ଷା ସୁରକ୍ଷା ସମିତି ର ମାନସ ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ବିଶେଷ କରି ରାମ, ଲକ୍ଷ୍ମଣ, ସୀତା, ଶିବ, ହନୁମାନ ବେଶ ହୋଇ ଶୋଭାଯାତ୍ରା ରେ ଯିବା ବେଶ ଆକର୍ଷଣୀୟ ହୋଇଥିଲା। ସେହିପରି ରୂପ୍ସା ବସଷ୍ଟାଣ୍ଡ ଠାରୁ ପାଟପୁର ବଜାର ପର୍ଯ୍ୟନ୍ତ ରାମନବମୀ ଉପଲକ୍ଷେ ବିରାଟ ପଟୁଆର ପରିକ୍ରମା କରିଥିଲା।

## ମା' ବାସନ୍ତୀ ଦେବୀଙ୍କ ପୂଜା ଓ ଗୌରାଙ୍ଗ ମହାପ୍ରଭୁଙ୍କର ନାମ ସଂକୀର୍ତ୍ତନ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୭/୪ (ନି.ପ୍ର): ରତାଇ ପଞ୍ଚାୟତ ଅନ୍ତର୍ଗତ ଭାନୁପୁର ଗ୍ରାମରେ ଗ୍ରାମବାସୀଙ୍କର ମିଳିତ ପ୍ରଚେଷ୍ଟାରେ , ମା ବାସନ୍ତୀ ଦେବୀଙ୍କର ପୂଜା ଓ ଗୌରାଙ୍ଗ ମହାପ୍ରଭୁଙ୍କର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଉପଲକ୍ଷେ ଗ୍ରାମିଣ ମେଳା ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ଓଡ଼ିଶାରେ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହିତ ଗ୍ରାମବାସୀ ମାନଙ୍କ ମଧ୍ୟରେ ଏକତା ଓ ଭାଇଚାରାର ସୁନ୍ଦର ପ୍ରୟାସ କରାଯାଇଛି। ବିଶେଷ କରି ଏହି ଅନୁଷ୍ଠାନର କାର୍ଯ୍ୟକ୍ରମରେ ବାଳିକା କବାଡି ଖେଳର ପ୍ରଚାର ପ୍ରସାର ମଧ କରାଯାଛି। ଏହି ବାସନ୍ତୀ ପୂଜା ଅନୁଷ୍ଠିତ ମହୋତ୍ସବରେ ଭାନୁପୁର ଗ୍ରାମବାସୀଙ୍କ ସହ ପୋଡସୀ ଗ୍ରାମବାସୀ ମାନେ ମିଳିତ ଭାବରେ ପ୍ରସାଦ ସେବନ କରିଥିଲେ। ଗ୍ରାମର ବୟୋଜେଷ୍ଠ ବ୍ୟକ୍ତିଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମଟି ଚାଲୁଅଛି।

## ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ୫ମ ଇଣ୍ଟର ଡିପାର୍ଟମେଣ୍ଟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା

### ୫ମ ଇଣ୍ଟର ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗିତା - ଟ୍ରାଫିକ ବିଭାଗ ଚାମ୍ପିଅନ



ପାରାଦ୍ୱୀପ , ୭/୪ (ନି.ପ୍ର): ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ୫ମ ଇଣ୍ଟର୍ ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଆଜି ଟ୍ରାଫିକ ଓ ମେଡ଼ିକାଲ ବିଭାଗ ମଧ୍ୟରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ମେଡ଼ିକାଲ ବିଭାଗ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଜବାବରେ ଟ୍ରାଫିକ ବିଭାଗ ୪ଟି ଉଇକେଟ ହରାଇ ୧୫ ଓଭରରେ ୧୦୯ରନ କରି ବିଜୟୀ ହୋଇଥିଲା । ୫ମ ଇଣ୍ଟର୍ ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗି କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ଓ ସମ୍ପାଦକ ରଞ୍ଜନ ରଶ୍ମି ବେଉରା ସଫଳତାର ଆୟୋଜନ କରିଥିଲେ । ଫାଇନାଲ ମ୍ୟାଚର ଆନନ୍ଦ ନେବା ପାଇଁ ବନ୍ଦରର ବିଭାଗ ମୁଖ୍ୟମାନେ ତଥା ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖିବା ତଥା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ଲକ୍ଷ୍ୟରେ ଏପରି କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜନ କରିବାରେ ବନ୍ଦର ଅଧକ୍ଷଙ୍କ ଅନନ୍ୟ ପ୍ରଚେଷ୍ଟାର ଭୁଇୟଶୀ ପ୍ରଶଂସା କରିଥିଲେ ।

## ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଦୀନକୃଷ୍ଣ ପୀଠରେ ସ୍ୱଚ୍ଛତା ଅଭିଯାନ



ଜଳେଶ୍ୱର, ୭/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଖୁଦିଆ ମାଝୀ ସାହି ପଂଚାୟତରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଦେବାଳୟ ଓ ଐତିହ ସ୍ଥଳ ରେ ସ୍ୱଚ୍ଛତା ଅଭିଯାନ। ଏହି ଅବସରରେ ଦୀନକୃଷ୍ଣ ପୀଠରେ ସ୍ୱଚ୍ଛତା ଅଭିଯାନ ହୋଇ ଥିଲା। ଆଜି ସକାଳ ସମୟ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ୍ ଅଧକ୍ଷ ମାନସ କୁମାର ଜେନା ପହଞ୍ଚି ପ୍ରଥମେ ଦିନକୃଷ୍ଣ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଳ ଅର୍ପଣ କରିଥିଲେ ପରେ କବି ଦିନକୃଷ୍ଣ ପିଠକୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରି ସ୍ୱଚ୍ଛତା କରିଥିଲେ ଏବଂ ସହଯୋଗ କରିଥିଲେ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ଚଞ୍ଚଳା ସେଠୀ, ନାୟବ ସରପଂଚ କ୍ଷିତିଶ ଚନ୍ଦ୍ର ଦେ, ପୂର୍ବତନ ସରପଂଚ ସତ୍ୟଶୁଭମ ମିଶ୍ର, ଏମବିକେ ସ୍ମିତା ଦାସ , ବିପ୍ଳବ ପ୍ରଧାନ, ବ୍ଲକ୍ କର୍ମଚାରୀ କିଶୋର ମହାପାତ୍ର , ସୁଜିତ୍ ଜେନା , ମନ୍ଦାକିନୀ ସିଂ , ଜଗଦିସ ଦାସ୍ଅଧିକାରୀ , ଶିବ ସୁନ୍ଦର ଦତ୍ତ, ଅଶୋକ କୁମାର୍ ସିଂ ଏବଂ ପଂଚାୟତର ସିଆରପି ମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡି ବୃଦ୍ଧଙ୍କର ମୃତ୍ୟୁ

ବେତନଟୀ, ୭/୪ (ନି.ପ୍ର): ବେତନଟୀ ଥାନା ଅଧୀନ ଶଙ୍ଖଯୋଡ ଗ୍ରାମର ଜନୈକ ୮୧ ବର୍ଷିୟ ବୃଦ୍ଧ ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ଶଙ୍ଖଯୋଡ ଗ୍ରାମର ଲକ୍ଷ୍ମଣ କିନ୍ତୁ ବୋଲି ଜଣାପଡିଛି। ଘଟଣା ରୁ ପ୍ରକାଶ ଆଜି ଲକ୍ଷ୍ମଣ ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ଲକ୍ଷ୍ମଣ ଦୀର୍ଘସମୟଧରି ଘରକୁ ନଫେରିବାରୁ ଘରଲୋକେ ଖୋଜାଖୋଜି କରିବା ଆରମ୍ଭ କରିଥିଲେ । ଏହାପରେ ପାଣିଭିତରେ ଲକ୍ଷ୍ମଣଙ୍କ ମୃତଦେହ ଭାସୁଥିବାରୁ ଦେଖି ଗ୍ରାମବାସୀ ବେତନଟୀ ପୁଲିସକୁ ଖବର ଦେଇଥିଲେ । ଖବରପାଇ ସରପଞ୍ଚ ସଞ୍ଜୀବ କିନ୍ତୁ, ବେତନଟୀ ଥାନା ଏଏସଆଇ ଲକ୍ଷଣ ହାଁସଦା, ଖଡିଶୋଳ ପଞ୍ଚାୟତର ନିର୍ବାହୀ ଅଧିକାରୀ ବିନୟ ଦାସ, କୃଷ୍ଣଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ମଙ୍ଗଳ ମାହାଳି, ନରହରି ମହାନ୍ତ, ଜୟକୃଷ୍ଣ, ଆଶିଷ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ବେତନଟୀ ଅଗ୍ନିଶମବାହିନୀ ସହାୟତାରେ ପାଣିଭିତରୁ ଲକ୍ଷ୍ମଣଙ୍କ ମୃତଦେହ ଉଦ୍ଧାର କରିଥିଲେ । ଏନେଇ ବେତନଟୀ ପୁଲିସ ୧୫/୨୫ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ଶବବ୍ୟବଚ୍ଛେଦ ହେବାନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଲକ୍ଷ୍ମଣ ହାଁସଦା ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦୁଇଫାଳ ହେଲା ...

ନିରଞ୍ଜନ ବିଶି, ସୁଲତା ଦେଓ ଏବଂ ସୁଭାଶିଷ ଖୁଣ୍ଟିଆ, ସୁବାଷ ସିଂହ ଆଦି ଓକିଲାତି କରିଛନ୍ତି। ପାଣ୍ଡିଆନଙ୍କୁ ଅଯଥା ବଦନାମ କରାଯାଉଛି ଲେଖିଛନ୍ତି ଏମପି ନିରଞ୍ଜନ ବିଶି। "ଦେବାଶିଷ ସାମନ୍ତରାୟଙ୍କ ମନ୍ତବ୍ୟକୁ ନିନ୍ଦା କରୁଛି ବୋଲି ସେ ଲେଖିଛନ୍ତି। କିଛି ଅଭିସନ୍ଧି ରଖି ଦେବାଶିଷ ଏପରି କରିଥିବା ସେ କହିଛନ୍ତି।" ସେହିପରି ଦେବାଶିଷଙ୍କ ମନ୍ତବ୍ୟକୁ ମାନସ ମଙ୍ଗରାଜ ନିନ୍ଦା କରିଛନ୍ତି। ସେ ଲେଖିଛନ୍ତି " ରାଜନୀତିରୁ ୧୦ ମାସ ହେଲା ଅବସର ନେଇ ସାରିଛନ୍ତି ପାଣ୍ଡିଆନ। କିଛି ନ୍ୟସ୍ତ ସ୍ୱାର୍ଥ୍ୟ କାରଣରୁ ଦେବାଶିଷ ଏପରି କହିଛନ୍ତି। ନବୀନ ନିବାସରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବାରୁ ନିବୃତ୍ତ ରୁହନ୍ତୁ।" ସେପଟେ ୱାକ୍ଫ ସସ୍‌ପେନ୍ସରେ ନୂଆ ଟୁଇଷ୍ଟ ଆଣିଛନ୍ତି ସାଂସଦ ଶୁଭାଶିଷ ଖୁଣ୍ଟିଆ । ନବୀନ ଦଳର ନେତା ତାଙ୍କ ନିର୍ଦ୍ଦେଶରେ ସବୁ ହୁଏ ବୋଲି ସେ କହିଛନ୍ତି। ସେପଟେ କଟକ ମେୟର ସୁବାସ ସିଂ ଦେବାଶିଷଙ୍କୁ ନିନ୍ଦା ଓ ପାଣ୍ଡିଆନଙ୍କୁ ପ୍ରଶଂସାରେ ପୋତିଛନ୍ତି। ସେ କହିଛନ୍ତି, "ଦେବାଶିଷ ବାବୁଙ୍କ କଥା ନ କହିଲେ ଭଲ, କିଏ ଅଧିକାର ଦେଲା। ପାର୍ଟି ଫୋରମ୍‌ରେ ନ କହି ଗଣମାଧ୍ୟମରେ କାହିଁକି କହିଲେ। ପାଣ୍ଡିଆନଙ୍କୁ ନିନ୍ଦିତ କରିବା ଅର୍ଥ ବିଜେଡିକୁ ଦୁର୍ବଳ କରିବା। ଗୋଟିଏ ଓଇଝ ଅଫିସର ଖୋଜି ପାଆନ୍ତୁ, ଯିଏ ରାତି ୪ରୁ କାମ କରନ୍ତି। ମିଡିଆରେ ବାଇଟ୍ ଦେଇ ଦେବାଶିଷ ବାବୁ ବିଭ୍ରାନ୍ତି ଚାହୁଁଛନ୍ତି। ଭୋଟ ନ ଦେଇ କକ୍ଷ ତ୍ୟାଗ କରିବା ଅର୍ଥ କଣ ବୁଝି ପାରୁ ନାହାନ୍ତି। ଦଳ ନବୀନ ବାବୁଙ୍କ ନେତୃତ୍ୱରେ ମଜଭୂତ ହୋଇ ରହିଛି। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ମଧ ସୁବାଷ ସମାଲୋଚନା କରିଛନ୍ତି। ସେ ବିଜେଡିରେ ନାହାନ୍ତି, କଣ ଦଳ ବାବଦରେ କହିବେ ବୋଲି କହିଛନ୍ତି।" ତେବେ ରାଜ୍ୟ ସଭା ଏମପି ସସ୍ମିତ ପତ୍ର ରାଜ୍ୟସଭାରେ ୱକ୍ଫ ବିଲ୍ ସପକ୍ଷରେ ଭୋଟ ଦେବା ପରେ ଏହି ବିବାଦ ବିଜେଡି ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏହି ବିଲ୍ ଭୋଟିଂ ସମୟରେ ଏମପି ମାନେ ନିଜ ବିବେକ ଅନୁଯାୟୀ ଭୋଟ ଦେଇପାରିବେ,ଏଥିପାଇଁ ଦଳ ପକ୍ଷରୁ କୌଣସି ହୁଇପ୍ ଜାରି ହୋଇ ନ ଥିବା ଏକ୍ସ 'ରେ ପୋଷ୍ଟ କରି କହିଥିଲେ। ଏହାପରେ ସେ ବିଲ୍ ସପକ୍ଷରେ ଭୋଟ ଦେଇଥିଲେ। କିଛି ଏମପି ବିଲ୍ ବିପକ୍ଷରେ ମଧ ଭୋଟ ଦେଇଥିଲେ। ତେବେ ଏହି ଘଟଣା ସାମ୍ନାକୁ ଅନେକ ବରିଷ୍ଠ ନେତା ଖୋଲାଖୋଲି ସସ୍ମିତଙ୍କୁ ସମାଲୋଚନା କରିବା ସହିତ ତାଙ୍କର ଏପ୍ରକାର ନିଷ୍ପତ୍ତି ନେବାର ଔକାତ ନଥିବା କଥା କହିଥିଲେ। ଦଳର ବରିଷ୍ଠ ନେତା ବଦ୍ରି ପାତ୍ର କହିଥିଲେ ଯେ, ଏଭଳି ନିଷ୍ପତ୍ତି ନେବାର ସାହସ ସସ୍ମିତଙ୍କର ନାହିଁ। ଦଳ ସମଦୂରତା ନୀତି ରଖି ଚାଲୁଥିଲା, ନିଷ୍ପତ୍ତି ଅନୁରୂପ ହେଲାନି, କିଏ ଗୋଟେ ଖେଳ କଲା। କେଉଁଠି ଖେଳ ହୋଇଛି ତାହା ଜାଣିବା ଆବଶ୍ୟକ। ତଦନ୍ତରେ ଜଣାପଡ଼ିବ କାହା ନିର୍ଦ୍ଦେଶରେ ଏଭଳି ହେଲା। ଦଳ ଏବେ ବିଶ୍ୱାସ ସଙ୍କଟରେ ବୋଲି ବଦ୍ରି କହିଛନ୍ତି। ଏହାପରେ ବଡ଼ ବିସ୍ଫୋରଣ ଘଟାଇଥିଲେ ବିଜେଡି ଏମ୍‌ପି ଦେବାଶିଷ ସାମନ୍ତରାୟ। ସେ କହିଛନ୍ତି, ସସ୍ମିତ ଭିଲେନ ନୁହଁନ୍ତି, ମୁଖ୍ୟ ପରାମର୍ଶଦାତା ହିଁ ଏହା ପଛରେ ଅଛନ୍ତି ବୋଲି କହିଛନ୍ତି। ଦୁଇ ଦୁଇଟି ମିଟିଂରେ ନବୀନ ବିଲ୍‌କୁ ବିରୋଧ କରିବୁ କହିଥିଲେ। ପୁଣି କାହିଁକି ନିଷ୍ପତ୍ତି ବଦଳିଗଲା, ନବୀନ ବାବୁ ବିଚାର କରିବା କଥା। ସସ୍ମିତ ଭିଲେନ ନୁହଁନ୍ତି, ସସ୍ମିତ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ ବୋଲି ଦେବାଶିଷ କହିଛନ୍ତି। ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ଘଡ଼ାଇ ସୋମବାର ୱକ୍ଫ ବିଲକୁ ନେଇ ସେ କହିଛନ୍ତି "କାହିଁକି ନିଷ୍ପତ୍ତି ବଦଳିଲା, କିଏ ବଦଳାଇଲା ସେ ସମ୍ପର୍କରେ ନବୀନ ସାମ୍ନାକୁ ଆସି ସ୍ପଷ୍ଟ କରିବା ଦରକାର। ସବୁ କଥା ନବୀନ ଜାଣିଛନ୍ତି। ସେ ସାମ୍ନାକୁ ଆସି ଦଳରୁ ଦ୍ୱନ୍ଦ୍ୱ ଦୂର କରନ୍ତୁ। ଏହି ଘଟଣାକୁ ନେଇ ବିଜେଡି ବ୍ୟାକ୍ ଫୁଟ୍‌କୁ ଚାଲିଗଲା। ନବୀନ ସତ କଥା କ'ଣ କୁହନ୍ତୁ। ପ୍ରକୃତରେ ଦଳରେ କ'ଣ ଘଟିଛି ତାହା ନବୀନ ହିଁ କହିପାରିବେ।" ବିଜେଡିର ବରିଷ୍ଠ ନେତା ଭୂପିନ୍ଦର ସିଂ କହିଛନ୍ତି, "ଏକା ସସ୍ମିତ ନହନ୍ତି, ଏଥିରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ବର୍ତ୍ତମାନ କାଳବୈଶାଖୀ ଚାଲିଛି, ପବନର ବେଗ ଅଧିକ ରହିଛି। ଏଥିରେ ଦଳ ଯେ, କ୍ଷତି ସହିବନି ତାହାକୁ ଆମେ ଅସ୍ୱୀକାର କରିବା ନାହିଁ। ଉକ୍ତ ଘଟଣାର ଅନୁଧ୍ୟାନ କରାଯିବ। କୌଣସି ବ୍ୟକ୍ତିଙ୍କର ସାହସ ନାହିଁ ଯେ, କି ଦଳର ନିଷ୍ପତ୍ତି ବଦଳାଇ ଦେଇପାରିବେ।" ଗଣେଶ୍ୱର ବେହେରା କହିଛନ୍ତି, "ବିଲ୍‌କୁ ସମର୍ଥନ କରି ସସ୍ମିତ ଦଳ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି। ତାଙ୍କ ଭଳି ଜଣେ ଅଭିଜ୍ଞ ଏମ୍‌ପିଙ୍କଠାରୁ ଏଭଳି ଆଶା କରାଯାଉ ନ ଥିଲା। ଦଳର ପରାମର୍ଶ ନ ନେଇ ନିଷ୍ପତ୍ତି ନେବାର କ୍ଷମତା ସସ୍ମିତଙ୍କର ନାହିଁ। ରାଜ୍ୟ ସଭାରେ ସସ୍ମିତ ଏକାକୀ, ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇଛନ୍ତି। ଧର୍ମନିରପେକ୍ଷତା ଉପରେ ବିଶ୍ୱାସ କରୁଥିବା ଦଳ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।"

### ନବୀନଙ୍କୁ କୈଫିୟତ୍ ...

ବିଲକୁ ବିରୋଧ କରିବାକୁ ନିର୍ଦ୍ଦେଶ ଥିଲେ ମଧ କାହିଁକି ସସ୍ମିତ ବିବେକ ଅନୁଯାୟୀ ଭୋଟ ଦେବାକୁ ପୋଷ୍ଟ କଲେ ? ନବୀନଙ୍କୁ ତାର କୈଫତ ମାଗିଥିଲେ ମୁନ୍ନା ଖାଁ । ଏପରିକି ସସ୍ମିତ କାହା ନିର୍ଦ୍ଦେଶରେ ବିଲକୁ ସମର୍ଥନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଯାହାର ଉତ୍ତରରେ ନବୀନ କହିଛନ୍ତି, ଧର୍ମ ନିରପେକ୍ଷ ଦଳ ଭାବେ ସଂଖ୍ୟାଲଘୁ ସମ୍ପ୍ରଦାୟର ହିତ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହାସହ ପୁରୁଣା ଢଙ୍ଗରେ ଦେଖିବି, ବୁଝିବି ଓ ନିଷ୍ପତ୍ତି ନେବି କହି ବିଜେଡି କର୍ମୀଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ ନବୀନ । ପ୍ରଥମ ଥର ପାଇଁ ନବୀନ ନିବାସରେ ଶୁଣିବାକୁ ମିଳିଛି ପାଣ୍ଡିଆନ ଗୋ ବ୍ୟାକ୍ ନାରା । ରାଜ୍ୟସଭା ସାଂସଦ ମୁନା ଖାଁଙ୍କ ସମର୍ଥକ ପାଣ୍ଡିଆନ ହଟାଅ ନାରା ଦେଇ ନବୀନଙ୍କ ନିକଟରେ ଫେରାଦ ହୋଇଛନ୍ତି ବିଜେଡି କର୍ମୀ । ତେବେ ପୂରା ପ୍ରକରଣରେ ପ୍ରଚ୍ଛଦପଟରେ ଥିବା ପାଣ୍ଡିଆନଙ୍କୁ ନେଇ ପଦୁଟିଏ ମଧ କହିନଥିଲେ ନବୀନ । ଯାହା ବିଜେଡି କର୍ମୀଙ୍କୁ ଉତକ୍ଷିପ୍ତ କରିଥିଲା । ୱାକଅଫ୍ ବିଲ ପ୍ରସଙ୍ଗରେ ରାଜ୍ୟସଭାରେ ବିରୋଧ କରିବାକୁ ନବୀନଙ୍କର ସ୍ପଷ୍ଟ ନିର୍ଦ୍ଦେଶ ଥିଲା । ଏପରିକି ବିଲ ବିରୋଧରେ ରାଲି କରିବାକୁ ମୁନ୍ନା ଖାଁକୁ ଅନୁମତି ଦେଇଥିଲେ । ନବୀନଙ୍କ ନିର୍ଦ୍ଦେଶ ଅନୁସାରେ ମୁନ୍ନା ଖାଁ ବିଲକୁ ରାଜ୍ୟସଭାରେ ବିରୋଧ କରିଥିଲେ । କିନ୍ତୁ ଭୋଟ୍ ପାଇଁ ନବୀନ କାହିଁକି ହୁଇପ୍ ଜାରି କରିନଥିଲେ ? ବିଜେପିକୁ ସୁହାଇଲା ଭଳି ଗଳାବାଟ ଛାଡ଼ି ଦେବା ପଛରେ ନବୀନଙ୍କ ଭୂମିକା ମଧ ସନ୍ଦେହ ସୃଷ୍ଟି କରିଛି ।

### ବିଷ୍ଣୁପଦ ସେଠୀଙ୍କ ମଧ୍ୟବର୍ତ୍ତୀକାଳୀନ...

ସୂଚନାଯୋଗ୍ୟ, ଡିସେମ୍ବର ୮ ତାରିଖରେ ଭୁବନେଶ୍ୱରରେ ଏକ ରିଅଲ୍ ଇଷ୍ଟେଟ୍ କମ୍ପାନିରୁ କାର୍ଯ୍ୟାଦେଶ ପ୍ରତିଶ୍ରୁତି ଦେଇ ୧୦ ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ଗିରଫ ହୋଇଥିବା ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନି (ଇଣ୍ଡିଆ) ଲିମିଟେଡ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ପଚରାଉଚରା ସମୟରେ ତାଙ୍କ ନାମ ନେବା ପରେ ବିଷ୍ଣୁପଦ ସେଠୀ ସିବିଆଇ ସ୍କାନରକୁ ଆସିଥିଲେ।

### ବଙ୍ଗୋପସାଗରରେ ସୃଷ୍ଟି ହେଲା...

କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ବିଶେଷକରି ଆଜି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇପାରେ । ସେହପରି ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି । ସ୍ୱାଭାବିକଠାରୁ ଅଧିକ ରହିବ ଦେଶର ଅନେକ ଅଞ୍ଚଳରେ ତାପମାତ୍ରା । ଚଳିତ ଗ୍ରୀଷ୍ମ ଋତୁ ପାଇଁ ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଓଗଉ) । ଓଗଉ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଗ୍ରୀଷ୍ମର ଅତ୍ୟଧିକ ପ୍ରଭାବ କେନ୍ଦ୍ରୀୟ, ପୂର୍ବ ଏବଂ ଉତ୍ତର ପଶ୍ଚିମ ଭାଗରେ ରହିବ । ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ବହୁ ଅଧିକ ରହିବ। ଆଇଏମଡି ଡିଜି ଆହୁରି କହିଛନ୍ତି, ଏପ୍ରିଲରୁ ଜୁନ୍ ମଧ୍ୟରେ ସାଧାରଣତଃ ୪ରୁ ୭ ଦିନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ତେବେ ଏଥର କିନ୍ତୁ ତାଠୁ ଅଧିକ ୨ କିମ୍ବା ୪ ଦିନ ରହିବ ଗ୍ରୀଷ୍ମ ପ୍ରବାହ । ବିଶେଷକରି ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଅଧିକ ରହିବ। ସେହିଭଳି କର୍ଣ୍ଣାଟକ ଓ ତାମିଲନାଡୁର ଉତ୍ତର ଭାଗରେ ମଧ ଅଧିକ ଗରମ ଅନୁଭୂତ ହେବ । ଏଥର ମୌସୁମୀରେ ଏଲ୍ ନିନୋ ସମ୍ଭାବନା ନାହିଁ ବୋଲି ଆଇଏମଡି ଡିଜି ସ୍ପଷ୍ଟ କରିଛନ୍ତି ।

## ଜନଶକ୍ତି ପାର୍ଟିର ସଚେତନତା ପଦଯାତ୍ରା

କେନ୍ଦ୍ରାପଡ଼ା, ୭/୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ବାରୋ ପଂଚାୟତର ଇଟିପୁର ଗ୍ରାମର ମୁଗବିଲଠାରେ ଜନଶକ୍ତିପାର୍ଟି ପକ୍ଷରୁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଜନଶକ୍ତିପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜିବୀ ପ୍ରଦୀପ ଦାସ ନେତୃତ୍ୱ ନେଇ ଅପ୍ରେଲମାସର ପହିଲା ତାରିଖରୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପାଖରୁ ଏକ ଶୋଭାଯାତ୍ରା ସାରା ରାଜ୍ୟ ପରିକ୍ରମାକରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ଏହାବ୍ୟତୀତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ଉପାଧି ପ୍ରଦାନ କରାଯିବା, ଚିଟ୍‌ଫଣ୍ଡରେ ଠକରେ ପଡିଥିବା ଉପଭୋକ୍ତାମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରିବା ଓ ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀମାନଙ୍କୁ ସୁଧମୁକ୍ତ ଋଣ ପ୍ରଦାନ କରିବା, ବକେୟା ବିଦ୍ୟୁତବିଲ୍ ଛାଡ କରିବା, ରିଲିଫ୍ କୋର୍ଡ ସଂଶୋଧନ କରିବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ଲୋକଙ୍କୁ ଦିଆଯାଉଥିବା ରିଲିଫ୍ ସମାଗ୍ରୀ ବାଟମାରଣା କରାନଯିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ରାଜ୍ୟ ପଦଯାତ୍ରାର ଉଦ୍ଦେଶ୍ୟ ରହିଛି ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ପୁରୀ ପଦଯାତ୍ରା ସମୟରେ ମଝିରେ ମଝିରେ ପଥପ୍ରାନ୍ତ ସଭା କରାଯାଇ ଲୋକମାନଙ୍କୁ ଏ ଦିଗରେ ସଚେତନା କରାଯିବା ସହିତ ଟାଟା କମ୍ପାନିକୁ ରାଜ୍ୟରୁ ହଟାଇବା ପାଇଁ ମଧ ଦାବି କରାଯିବ। ଏହି କମ୍ପାନିର ଉଦାସୀନତାରୁ ଖରାଦିନେ ଲୋଭୋଲଟେଜ୍ ହେଉଥିବାରୁ ଏହାର ପ୍ରତିକାର ପାଇଁ ମଧ ଦାବି କରାଯାଇଥିଲା। ଏହି ସଚେତନତା ସଭାରେ ଗୌତମ ବେହେରା, ସୀତାକାନ୍ତ ନାୟକ, ରମାକାନ୍ତ ପଣ୍ଡା, ଉମେଶ ଦାସ, ଅଜୟ ପ୍ରଧାନ, ମାନସ ପଣ୍ଡା, କାମିନୀ ବେହେରା, ମମତା ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାରିପଦା , ୭/୪ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଏସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ - ' ମୁଖ୍ୟମନ୍ତ୍ରୀ କପ ' ଉଦଘାଟିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଯୁବ ଖେଳାଳି ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓଓଅନ୍ୟ ମାନଙ୍କ ମଧ୍ୟରେ ଫାଓର ଉପ ସଭାପତି ଅସିତ ପତି, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି ଓ ବିଶିଷ୍ଟ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତି ଓ ଗଣ ମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ଓ ଉଦଘାଟନୀ ମ୍ୟାଚରେ ଫିଉଚର ଷ୍ଟାର କ୍ଲବ ଡ୍ରାଗନ ଯୁଥ କ୍ଲବକୁ ୧-୦ ଗୋଲରେ ପରାସ୍ତ କରିଥିଲା ଓ ରାକେଶ ହେମ୍ବ୍ରମ ଏକ ମାତ୍ର ଗୋଲଟି ସ୍କୋର କରିଥିଲେ ଓ ବାପୁନ କୁମାର ମହାନ୍ତ, ଯୁଗସେଙ୍ଗଲ ସୋରେନ ଓ ନାରାୟଣ ଚନ୍ଦ୍ର ହାଁସଦା ଖେଳ ପରିଚାଳନା କରିଥିଲେ ଓ ସୁଭଦ୍ରା ହେମ୍ବ୍ରମ ୪ର୍ଥ ରେଫେରି ଭାବେ କାର୍ଯ୍ୟ ତୁଲାଇଥିଲେ ଓ ସରକାରଙ୍କ ତରଫରୁ ଯୋଗାଇ ଯାଇଥିବା ନୂଆ ଜୋତା ଓ ଜର୍ସି ପିନ୍ଧି ଖେଳାଳି ମାନେ ବେଶ ଉତ୍ସାହିତ ଥିବାର ଦେଖାଯାଇଥିଲା ଓ ଆସନ୍ତା କାଲି ସକାଳ ୮ଟା ରେ ଖେରୱାଲ ଜୁମିତ ଓ ଶିମିଳିପାଳ ସ୍ପୋର୍ଟସ ଏସୋସିଏସନ ମଧ୍ୟରେ ଓ ଅପରାହ୍ନ ୪ ଟା ରେ ଇଣ୍ଡିପେଣ୍ଡେଣ୍ଟ ସ୍ପୋର୍ଟସ ଓ ଜଗନ୍ନାଥ ବିଶାବୀର ମଧ୍ୟରେ ମ୍ୟାଚ ହେବ ବୋଲି ଗଣ ମାଧ୍ୟମ ସଂଯୋଜକ ଶ୍ରୀ ସିଂହ ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ଅଣ୍ଡର-୧୫ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟିତ



ବାଲେଶ୍ୱର, ୭/୪ (ନି.ପ୍ର): ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ରାଜ୍ୟର କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ତଥା ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ କରିବା ନିମନ୍ତେ ଆରମ୍ଭ ହୋଇଯାଇଛି ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଓ ଏହି ପରିପ୍ରେକ୍ଷୀରେ ୧୫ ବର୍ଷରୁ କମ୍ କ୍ରୀଡ଼ାବିତ୍ ବର୍ଗ ପାଇଁ (ଅଣ୍ଡର-୧୫ କ୍ୟାଟାଗୋରିରେ) ଆୟୋଜିତ କରାଯାଉଛି । ଏହି କ୍ରମରେ ଆଜି ରେମୁଣାସ୍ଥିତ ଭୀମପୁରା ଛାତ୍ରାବାସ ପଡ଼ିଆଠାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଫୁଟବଲ ଏସୋସିଏସନ୍ ଅଫ ଓଡ଼ିଶା ର ଉପ ସଭାପତି ଶ୍ରୀ ପଦ୍ମଲୋଚନ ଲେଙ୍କା, ବାଲେଶ୍ୱର ଜିଲ୍ଲା ଆଥଲେଟିକ ଆସୋସିଏସନର ସଭାପତି ଶ୍ରୀ ଅଭୟ ମହାପାତ୍ର ପ୍ରମୁଖ ଯୋଗ ଦେଇ ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସିଏମ ଟ୍ରଫି ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯାଉଛି ବୋଲି ମତପ୍ରକାଶ କରିଥିଲେ। ଆଗାମୀ ଭବିଷ୍ୟତରେ କ୍ରୀଡ଼ାବିତମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ତାହା ଲକ୍ଷ୍ୟ ରଖାଯାଇଛି ବୋଲି ଅତିଥି ମାନେ କହିଥିଲେ । ଆଜି ଅନୁଷ୍ଠିତ ଉଦଘାଟନୀ ମ୍ୟାଚ ମାର୍କୋଣା ଏଫସି ଓ ବଣଭୁଇଁ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମାର୍କୋଣା ଏଫସି ୩-୦ ରେ ବିଜୟୀ ହୋଇଥିଲା। ଏଠାରେ ସୂଚନା ଥାଉ କି ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ୧୫ ଟି ଜିଲ୍ଲା ରେ ଆୟୋଜିତ ହୋଇ ସାରିଛି ଓ ରାଜ୍ୟ ସରକାର ଓ ଫୁଟବଲ ଏସୋସିଏସନ୍ ଅଫ ଓଡ଼ିଶା ତୃଣମୂଳ ସ୍ତରରେ ଯୁବ ଫୁଟବଲ ପ୍ରତିଭା ଚୟନ ପାଇଁ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଚୟନ କର୍ତ୍ତା ମାନଙ୍କ ଦ୍ୱାରା ଚୟନ ହୋଇଥିବା ଖେଳାଳୀ ମାନଙ୍କୁ ଫୁଟବଲ ଏସୋସିଏସନ୍ ଅଫ ଓଡ଼ିଶାର ଏକାଡେମୀ ତଥା ବିଭିନ୍ନ ଜିଲ୍ଲାରେ ଥିବା କ୍ରୀଡ଼ା ହଷ୍ଟେଲ ଗୁଡ଼ିକରେ ରହି ଫୁଟବଲ ଖେଳରେ ପ୍ରଶିକ୍ଷଣ ପାଇପାରିବେ ।

# କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ପାରାଦୀପ କବିତା ସମ୍ମାନ - ୨୦୨୫

ପାରାଦୀପ, ୭/୪ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ପାରାଦୀପ ସାହିତ୍ୟ ସଂସଦ' ଆୟୋଜିତ ସମ୍ବର୍ଦ୍ଧନା ସଭା ଓ 'ଶବ୍ଦ ସମୁଦ୍ର' କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ମେମୋରିଆଲ ହଲ ଠାରେ ସଂସଦର ସଭାପତି ଶ୍ରୀମତୀ ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାର ବିଶିଷ୍ଟ ବାମାବାଦୀ କବି ଡ. ଅପର୍ଣ୍ଣା ମହାନ୍ତି ମୁଖ୍ୟ ଅତିଥି, କଥାକାର ରବି ସ୍ୱାଇଁ ମୁଖ୍ୟ ବକ୍ତା, କଥାକାର ରବି ପଣ୍ଡା ସମ୍ମାନିତ ଅତିଥି, କବି ସୁରେନ୍ଦ୍ର ମୋହନ ମିଶ୍ର ସମ୍ମାନିତ ବକ୍ତା, ପ୍ରାବନ୍ଧିକ ଅକ୍ଷୟ ରାଉତ ବରଣ୍ୟ ଅତିଥି ଓ ପାରାଦୀପ ପୌର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ବରଣ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ



କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ମର୍ଯ୍ୟାଦାଜନକ ' ପାରାଦୀପ ବନ୍ଦର କବିତା ସମ୍ମାନ - ୨୦୨୫ ' ପ୍ରଦାନ କରାଯାଇଥିଲା । ଏଥିସହ କବି ରମେଶ ପତି, କବି ଅୟସକାନ୍ତ, କବି ସ୍ୱର୍ଣ୍ଣ ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଅତୁଲ୍ୟ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା, ଅନ୍ୟ ଛଅ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତିରିଶ ଜଣ ଅତିଥି କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସମ୍ପାଦକ କବି ପ୍ରଶାନ୍ତ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ କବି ନଗେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ ଏବଂ କବି ସଞ୍ଜୟ ମିଶ୍ର ଅତିଥି ଓ କବିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅସହାୟ କରୁଣାଙ୍କ ପାଖରେ ପହଞ୍ଚିଲା ଚଣ୍ଡୀମାତା ଫାଉଣ୍ଡେସନ

ଖଇରା, ୭/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ଅଞ୍ଚଳରେ ମଣ୍ଡଟେକିଥିବା ଚଣ୍ଡିମାତା ଫାଉଣ୍ଡେସନ ପକ୍ଷରୁ ଗରୀବ ଅସହାୟଙ୍କୁ ସହାୟତା ପାଇଁ ଘରେ ଘରେ ପରିଚିତ । ଏବେ ପୁଣି ଥରେ ଜଣେ ପକ୍ଷାଘାତ ପିଡିତଙ୍କୁ ସହାୟତା ଯୋଗାଇ ସଙ୍ଗଠନ ତାର ଲକ୍ଷପୂରଣରେ ଆଉ ଗୋଟିଏ ପାଦ ଆଗେଇ ଯାଇଛି । ସିମୁଳିଆ ବ୍ଲକ ମହମ୍ମଦପୁର ଗ୍ରାମର କରୁଣାକର ସେଠୀ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ପକ୍ଷାଘାତରେ ପିଡିତ ହୋଇ



ଚିକିତ୍ସାଧୀନ ଅଛନ୍ତି । ଉକ୍ତ ଖବର ଚଣ୍ଡିମାତା ଫାଉଣ୍ଡେସନ ନିକଟରେ ପହଞ୍ଚିବା ପରେ ଫାଉଣ୍ଡେସନର କର୍ମକର୍ତ୍ତା ପ୍ରହଲ୍ଲାଦ ପତି,ଧନଞ୍ଜୟ ପଣ୍ଡା,ସୁରେନ୍ଦ୍ର ନାୟକ,ଗୌତମ ନାୟକ,ସତ୍ୟରଞ୍ଜନ ପ୍ରମୁଖ ଅସୁସ୍ଥ କରୁଣାକର ଙ୍କ ପାଖରେ ପହଞ୍ଚି ଚିକିତ୍ସା ସମ୍ପର୍କରେ ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ , ୭/୪ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମଞ୍ଚାସୀନ ଥିଲେ ଉପସଭାପତି ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ, ଡ଼ଃ ଗୋଲକ ବିହାରୀ ସାହୁ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ ଓ ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର । ସଂଘର ବର୍ଷୀୟାନ ସଦସ୍ୟ ଦିବଂଗତ ଉମାକାନ୍ତ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ସହ ବହୁ ସଦସ୍ୟ ତାଙ୍କର ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଯୁଗ୍ମ ସଂପାଦକ ବାଦଲ କିଶୋର ମହାପାତ୍ର, ଉଦୟନାତ ମହାନ୍ତି, ପ୍ରଭାକର ମଲ୍ଲିକ ତାଙ୍କର ସ୍ମୃତି ଚାରଣ କରିଥିଲେ । । ସଂଘର ବାର୍ଷିକ ଉତ୍ସବ ଏପ୍ରିଲ ମାସ ୨୦ ତାରିଖରେ ସଂଘ କାର୍ଯ୍ୟାଳୟରେ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ପାଳିତ ହେବ । ସଂଘର ସମସ୍ତ ସଦସ୍ୟ ସଦସ୍ୟା ବାର୍ଷିକ ଉତ୍ସବରେ ଯୋଗଦାନ ସହ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ପାଇଁ ସାଧାରଣ ସଂପାଦକ ନିବେଦନ କରିଥିଲେ । ବାର୍ଷିକ ଉତ୍ସବରେ ସଂଘର ୮୦ ବର୍ଷୀୟ ଆଜୀବନ ସଦସ୍ୟ ସଦସ୍ୟା ଓ ବିଦ୍ୟାଳୟ ସ୍ତରର କାର୍ଯ୍ୟରତ ଉତ୍ସର୍ଗୀକୃତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଓ ବିଦ୍ୟାଳୟରେ ପରିଚାଳିତ ବାର୍ଷିକ ପରୀକ୍ଷା ୨୦୨୪ରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଦାତାଙ୍କ ପ୍ରଦତ୍ତଅର୍ଥ ରାଶିରେ ସ୍ମୃତି ସମ୍ମାନ ପୁରସ୍କାର ପ୍ରଦାନ କରାଯିବ । ନୂତନ ସଦସ୍ୟ ଅବସରପ୍ରାପ୍ତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ସଂଗ୍ରାମ ସାହୁ ଓ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କିଶୋର ଚନ୍ଦ୍ର ରାୟଙ୍କୁ ସ୍ୱାଗତ କରାଯିବା ପରେ ସେମାନେ ତାଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସଦସ୍ୟ ରମେଶ ଚନ୍ଦ୍ର ଦାସ, ମଦନ ମୋହନ ନାୟକ, କାଶୀନାଥ ମହାପାତ୍ର, ରବୀନ୍ଦ୍ର ନାୟକ, କୈଳାଶ ଚନ୍ଦ୍ର ପଣ୍ଡା, ଡ଼. ମନୀନ୍ଦ୍ର ମହାନ୍ତି, ହିସାବ ସମୀକ୍ଷକ ଦୈତ୍ୟାରି ଦାସ, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ, ଶାନ୍ତିଲତା ବାରିକ, ପ୍ରଶାନ୍ତ ଦେ, ବସନ୍ତ ଦେ, ହରେକୃଷ୍ଣ ସାହୁ, ଉପେନ୍ଦ୍ର ରାଉତ, ରମାକାନ୍ତ ନାୟକ, ଚନ୍ଦ୍ରମୋହନ ମହାନ୍ତି, ହରେକୃଷ୍ଣ ସାହୁ, ନିରଞ୍ଜନ ବିଶ୍ୱାଳ, ଅରୁଣ ମିତ୍ର, କିଶୋର ଧଳ, କାଶିନାଥ ପଣ୍ଡା, ବାମନ ରାଉତ, ସୁରେଶ ସାହୁ, ପ୍ରମୁଖ ବହୁ ସଦସ୍ୟ ଯୋଗଦାନ କରିଥିଲେ । ଅରବିନ୍ଦ ବସନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସ ପଢ଼ିବା ବର୍ଣ୍ଣବୋଧ କାର୍ଯ୍ୟକ୍ରମ




ଉଦଳା , ୭/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ଗ୍ରାମଠାରେ ମୌନଧ୍ୱନି ଫାଉଣ୍ଡେସନର ନିୟନ୍ତ୍ରଣରେ ଚାଲିଥିବା ଚାଟଶାଳି ପକ୍ଷରୁ ଆସ ପଢ଼ିବା ବର୍ଣ୍ଣବୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କର ଓଡ଼ିଆ ଭାଷା ଜ୍ଞାନ ବଢ଼ାଇବା ଆଭିମୁଖ୍ୟ ନେଇ ଏହି ଅଭିନବ ପ୍ରୟାସ କରାଯାଇଛି । ଏଥିରେ ବର୍ଣ୍ଣବୋଧ ବହି ପଠନ ଓ ଲିଖନ କାର୍ଯ୍ୟକ୍ରମ ସହ ଭାଷା ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏଥିସହିତ ଓଡ଼ିଆ ଭାଷା ଉପରେ ଆଧାରିତ ଆଲୋଚନାଚକ୍ର ଓ ଢ଼ଗ ଢ଼ମାଳି ଆବୃତି କରାଯାଇଛି । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶୃତ ଲିଖନ ଓ ବର୍ଣ୍ଣବୋଧ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । କୃତି ପ୍ରତିଯୋଗିଙ୍କୁ ପୁରସ୍କାର ସ୍ୱରୂପ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ରାଉଳ, ଚମ୍ପାବତି ହାଁସଦା ଓ ଆକାଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ୩ ଚୋରକୁ ଧରିଲେ ଗ୍ରାମବାସୀ



ଲଙ୍ଗଳେଶ୍ୱର , ୭/୪ (ନି.ପ୍ର): ରାତିରେ ଚୋରି କରୁଥିବାବେଳେ ଚୋରକୁ ଧରି ଛେଞ୍ଚିଲେ ଗ୍ରାମବାସୀ। ସୂଚନାରୁ ପ୍ରକାଶ ସିଂଲା ଥାନା ଅର୍ନ୍ତଗତ ବୋଲଂ ଗ୍ରାମରେ ରାତିରେ ଚୋରି କରି ପଳାଇ ଯାଉଥିବା ବେଳେ ତିନିଜଣ ଚୋରକୁ ଗ୍ରାମବାସୀ କାବୁ କରିଥିଲେ। ତେବେ ଗୋଟିଏ ସ୍କୁଟିରେ ଚୋର ତିନିଜଣ ଆସିଥିବା ବେଳେ, ତାଙ୍କ ସ୍କୁଟିରୁ ଭୂଜାଲି ଟେନସର୍ ସହ ମାରଣାସ୍ତ୍ର ଜବଦ୍ ହେବାସହ ଗୋଟିଏ ସ୍କୁଟି ମଧ୍ୟ ଜବଦ୍ ହୋଇଛି। ତେବେ ବୋଲଂ ଗ୍ରାମରେ ଆଗରୁ ଦୁଇଟି ଘରୁ ଚୋରି ହୋଇଥିବା ବେଳେ ଏଯାଏଁ ଚୋର କିମ୍ବା ଚୋରି ଜିନିଷ ଉଦ୍ଧାର ହୋଇନଥିବା ବେଳେ ପୁଣି ଚୋରି ଉଦ୍ୟମ ଗ୍ରାମବାସୀ ଙ୍କ ଚିନ୍ତାର କାରଣ ହୋଇଛି। ତେବେ ଚୋର ତିନିଜଣ ଙ୍କ ଘର ବାଲେଶ୍ୱର ସିନ୍ଧିଆ ଅଞ୍ଚଳରେ ବୋଲି ଜଣାପଡିଛି।ସିଂଲା ପୋଲିସ ତିନିଜଣ ଚୋରକୁ ନିଜ ହେପାଜତକୁ ନେବା ସହିତ ଗ୍ରାମବାସୀଙ୍କ ମାଡରେ ଆହତ ହୋଇଥିବା ବେଳେ ପ୍ରଥମେ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ଥାନାକୁ ନେଇଥିବା ଜଣାପଡିଛି। ତେବେ ସିଂଲା ଥାନା ଅଞ୍ଚଳରେ ଦିନକୁଦିନ ଚୋରି ବଢୁଥିବା ବେଳେ ପୋଲିସ୍ ପେଟ୍ରୋଲିଂ ପାଇଁ ସାଧାରଣରେ ଦାବି ହେଉଛି।

# ରଙ୍ଗରାଗ ସାହିତ୍ୟ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ



ବାସୁଦେବପୁର, ୭/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ସମ୍ମିଳନୀ କକ୍ଷରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଏକ ମଧୁର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ସମସ୍ତ ଅତିଥି ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ। ବିଶିଷ୍ଟ କବି ଉମାକାନ୍ତ ରାଉତ ଅରୂପ ,ପରାଗ ପତ୍ରିକାର ସମ୍ପାଦକ କବି ବନମାଳୀ ସେନାପତି, କବି ଡକ୍ଟର ବସନ୍ତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ଡକ୍ଟର ହରିପ୍ରିୟା ସେଠୀ ଓ କବି ଶୀତଲ ମିଶ୍ର ପ୍ରମୁଖ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ। ନିମନ୍ତ୍ରିତ ଅତିଥି କବି ଭାବେ ଯୋଗ ଦେଇ କବି ଚିତ୍ତ ରଞ୍ଜନ ନାୟକ, ମମତା ମହାପାତ୍ର, ସ୍ମୃତି ଦାସ, ଦେବେନ୍ଦ୍ର ପ୍ରସାଦ ମହାନ୍ତି, ଭଗ୍ୟଶ୍ରୀ ଦେ, ପ୍ରୀତି ପଦ୍ମା ଦାସ, ସୁଜାତା ରାଉତ, କମଳ ଲୋଚନ ବେହେରା, ରତ୍ନାକର ପଣ୍ଡା,ଉଦୟ ଜେନା, ଲକ୍ଷ୍ମୀଧର ବେହେରା, କୈଳାସ ବେହେରା, ମନୋରଞ୍ଜନ ମୁଦୁଲି, ଶାନ୍ତିଲତା ପଣ୍ଡା, ସଦାନନ୍ଦ ପାଣିଗ୍ରାହୀ, ଅଭିମନ୍ୟୁ ସାହୁ, ବସନ୍ତ କୁମାର ବାରିକ, ମିନତୀ କର,ମନିଷା ବିଶ୍ୱାଳ, ସଂଗ୍ରାମ କେଶରୀ ସେନାପତି, ସୋନାଲି ପ୍ରିୟ ଦର୍ଶିନି ପ୍ରମୁଖ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକ ଗାଳ୍ପିକ ପବିତ୍ର ପାଣିଗ୍ରାହୀ। କବି ଚିତ୍ତ ରଞ୍ଜନ ନାୟକ, ଯୁଗଶ୍ରୀ ଯୁଗନାରୀ ର ସମ୍ପାଦିକା ମମତା ମହାପାତ୍ର ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ରାଜ୍ୟ ସ୍ତରୀୟ ସାହିତ୍ୟ ଉତ୍ସବରେ ଅତିଥି ବନ୍ଧୁ ମତ ପ୍ରକାଶ କରି କହିଲେ ସୁନ୍ଦର ଏକ ସାରସ୍ୱତ ପୃଥିବୀରେ ସ୍ୱପ୍ନ ଓ ବାସ୍ତବତାକୁ ନେଇ ସୃଜନ ଶିଳ୍ପୀ ମାନେ ଅନେକ ମନଛୁଆଁ ସାହିତ୍ୟ ସୃଷ୍ଟି କରିବା ସହିତ ବଞ୍ଚିବାର ରାସ୍ତା ତିଆରି କରୁଛନ୍ତି। ସାହିତ୍ୟ ସର୍ବଦା କାଳଜୟୀ ହେବା ଉଚିତ୍। ଏହି ଉତ୍ସବରେ ରଙ୍ଗ ରାଗ ସାହିତ୍ୟ ପରିଷଦ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଗବେଷକ ଡକ୍ଟର ଅରବିନ୍ଦ ଗିରି, କବି ଡକ୍ଟର ବସନ୍ତ କୁମାର ଦାସ, କବି ସରୋଜ ବଳ, ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ, ଯୁଗଶ୍ରୀ ଯୁଗ ନାରୀ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର, ଯୁବ ଗାଳ୍ପିକ ଡକ୍ଟର ଶାନ୍ତନୁ କୁମାର ନାୟକ, କବି ଦୀପିକା ଦାଶ, କବି ବିଚିତ୍ରାନନ୍ଦ ଜେନା, କବି କମଳ ଲୋଚନ ବେହେରା, ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ, ସମାଜସେବୀ ଭବାନୀ ଶଙ୍କର ପଣ୍ଡା ଓ କଣ୍ଠଶିଳ୍ପୀ ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ ବାରିକ ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ମାନେ ନିଜ ନିଜର ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆରମ୍ଭରେ ଓଡ଼ିଶାର ପ୍ରଖ୍ୟାତ କବି ରମାକାନ୍ତ ରଥ ଓ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଗୋପାଳ ପ୍ରସାଦ ବେଜଙ୍କ ବିୟୋଗରେ ରଙ୍ଗରାଗ ଅନୁଷ୍ଠାନ ପକ୍ଷରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗୌରୀପ୍ରଭା ପତ୍ରିକାର ସମ୍ପାଦକ କବି ପତିତପାବନ ପାଣି, ଅଟଳ ବିହାରୀ ହାଇସ୍କୁଲର ଶିକ୍ଷକ ଶଶଧର ମହାଳିକ, ରବି ସାର୍, କବି ଶାନ୍ତିଲତା ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ଅନୁବାଦ ପୁସ୍ତକ ଗଦୋଙ୍କ ପାଇଁ ପ୍ରତୀକ୍ଷା ଉନ୍ମୋଚିତ ହୋଇଥିଲା।

# ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




ରାଉରକେଲା, ୭/୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ରେ ଅପ୍ରେଲ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର ?ୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମ୍ଏ) ରାଉରକେଲା ଶାଖାର ସଭାପତି ଡାକ୍ତର ପି କେ ମହାପାତ୍ର ମଞ୍ଚାସୀନ ଥିଲେ। ଏହି କାର ?ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡାକ୍ତର ଆର ଆର ମହାନ୍ତି, ବହୁ ଡାକ୍ତର, ନର୍ସ ଏବଂ ଆଇଜିଏଚ୍ କର୍ମଚାରୀ ଯୋଗ ଦେଇଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର କନସଲ୍ଟାଣ୍ଟ ଡାକ୍ତର ସ୍ନେହାଲ ପାର୍ଭେ ଅତିଥି ବକ୍ତା ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତର ଆଚାର୍ଯ୍ୟ ମାତୃ ଏବଂ ଶିଶୁଯତ୍ନ ଉପରେ ଆଇଜିଏଚର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ଏବଂ ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ' ଏବଂ ପରିବାର, ଦେଶ ଏବଂ ସମାଜ ଗଠନରେ ମା'ଙ୍କ ଗୁରୁତ୍ୱ ଉପରେ ବ୍ୟାଖ୍ୟା କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, 'ଉପଯୁକ୍ତ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ରାଷ୍ଟ୍ର ଏବଂ ସମ୍ପ୍ରଦାୟର ଉନ୍ନତ ଭବିଷ୍ୟତ ସୁନିଶ୍ଚିତ କରିବ।' ଡାକ୍ତର ପାର୍ଭେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଗୁରୁତ୍ୱ, ମାତୃ ଏବଂ ଶିଶୁ ମୃତ୍ୟୁହାରକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାର୍ଗଦର୍ଶିକା ଅନୁଯାୟୀ ମାତୃ ପୁଷ୍ଟିସାର, ମାନସିକ ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତିକରଣ ତିନୋଟି କେନ୍ଦ୍ରିତ କ୍ଷେତ୍ର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର କନସଲ୍ଟାଣ୍ଟ ଡାକ୍ତର ଅନିନ୍ଦିତା ଦେବତା ସମାବେଶକୁ ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଏସଡ଼ିଏମଓ ଡାକ୍ତର ସି. କସି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଆଇଜିଏଚର ନର୍ସ ତାଲିମ ପ୍ରତିଷ୍ଠାନରେ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ତଥା ଏନଟିଆଇ ପ୍ରଭାରୀ ଡାକ୍ତର ସୋନିଆ ଯୋଶୀ ଅଧ୍ୟକ୍ଷତା କରିଥିଲେ ଏବଂ ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ସିଏମଓ ଡାକ୍ତର ପ୍ରତିଭା ଷଡ଼ଙ୍ଗୀ, ଡାକ୍ତର ମଧୁମିତା ସାହୁ, ମୁଖ୍ୟ ପରାମର୍ଶଦାତା ଡାକ୍ତର ମାୟା ବୋଷ ଏବଂ ଡେପୁଟି ମ୍ୟାନେଜର ସୁଶ୍ରୀ ନବନୀତା ଜେନା ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida